ଚିଡିରିମିଡିରି



ଶ୍ରୀମତୀ ପ୍ରମିଳା ପତି

Digitized by srujanika@gmail.com

ଚିଡିରିମିଡିରି

(ଶିଶୁ-କିଶୋର ଗୀତିକବିତା ସଂକଳନ)

ଲେଖିକା

ଶ୍ରୀମତୀ ପ୍ରମିଳା ପତି

Digitized by srujanika@gmail.com

‘ଚିତିରିମିତିରି’

(ଶିଶୁ-କିଶୋର ଗୀତି-କବିତା ସଂକଳନ)

ଲେଖିକା :
ଶ୍ରୀମତୀ ପ୍ରମିଳା ପତି
ଶିକ୍ଷୟିତ୍ରୀ, ସରକାରୀ ପ୍ରେସ୍ କଲୋନୀ, ଉ.ପ୍ରା. ବିଦ୍ୟାଳୟ
ନୂଆପଡ଼ା, ମଧୁପାଟଣା, କଟକ-୧୦
ଦୂରଭାଷ : ୯୭୭୭୧୮୦୯୪୯

ପ୍ରଥମ ପ୍ରକାଶ : ୨୦୧୩

ପ୍ରକାଶକ:
ରବି ମିଶ୍ର
କାଠଯୋଡ଼ି ରୋଡ୍ (ଘାଟକୂଳ ପାଖ)
ମଧୁପାଟଣା, କଟକ-୧୦

ମୁଦ୍ରଣ :
ସଂସାର ପ୍ରେସ
ତଳତେଲେଙ୍ଗା ବଜାର, କଟକ-୯

ମୂଲ୍ୟ : ୭୦ ଟଙ୍କା

CHITIRIMITIRI

(Children's Poem Compilation)

Written by :
Srimati Pramila Pati
Teacher, Govt. Press Colony U.P. School
Nuapada, Madhupatna, Cuttack-10
Mob : 9777180949

First Edition : 2013

Publisher :
Sri Rabi Mishra
Kathajodi Road, Near Ghat
Madhupatna, Cuttack-10

Printed at :
Sansar Press
Talatelenga Bazar, Cuttack-9

Price : Rupees Seventy only

Digitized by srujanika@gmail.com

ଉତ୍ସର୍ଗ

ଆଖିରେ ଅସରନ୍ତି ସ୍ୱପ୍ନ ନେଇ ପକ୍ଷୀ ଭଳି
ଡେଣା ଝାଡ଼ି ଗଗନ, ପବନ, ବନ, ପାହାଡ଼,
ସାଗର ଲଂଘି ବହୁଦୂରକୁ ଉଡ଼ିଯିବାର
ପ୍ରୟାସ କରୁଥିବା
ଅଗଣିତ ସମ୍ଭାବନାମୟ
'କୁନାକୁନିଙ୍କ' ହାତରେ
'ଚିଡ଼ିରିମିଡ଼ିରି'କୁ ସମର୍ପି ଦେଉଛି... ।

ଶ୍ରୀମତୀ ପ୍ରମିଳା ପତି

Digitized by srujanika@gmail.com

ମୋ କଥା

ଶିଶୁ ଓ କିଶୋରମାନେ ଚପଳମତି ଓ ଅନିସନ୍ଧିତ୍ସୁ । ବେଗମତୀ ନଦୀ ଭଳି ଦୁରନ୍ତ ଗତିରେ ବହିଯାଉଥିବା ଶିଶୁ ଓ କିଶୋରମାନଙ୍କ ମନକୁ ବାନ୍ଧି ରଖିବା ଅତ୍ୟନ୍ତ କଷ୍ଟକର । ପିଲାମାନଙ୍କ ମନକୁ ଛୁଇଁବା ଭଳି ଲେଖାଟିଏ ଲେଖିବା ଯେ କେତେ କଷ୍ଟକର, ତାହା ମୁଁ ନିଜେ ଅଙ୍ଗେ ନିଭେଇଛି । 'ଚିଡିରିମିଡିର' ଗୀତ-କବିତା ସଂକଳନ ମାଧ୍ୟମରେ ମୁଁ ସେଇମାନଙ୍କୁ ଟିକିଏ ଖୁସି, ଟିକିଏ ଆନନ୍ଦ ଓ ଅଳ୍ପ କିଛି ବାର୍ତ୍ତା ଦେବାର ସାମାନ୍ୟ ପ୍ରୟାସ କରିଛିମାତ୍ର । ପିଲାମାନେ ଏହି ବହିଟି ପଢ଼ି ନିଶ୍ଚୟ ଆନନ୍ଦ ଲାଭ କରିବେ-- ଏ ଆଶା ଓ ବିଶ୍ୱାସ ମୋର ରହିଛି ।

ଏହି ପୁସ୍ତକ ପ୍ରକାଶନରେ ଯେଉଁମାନଙ୍କର ପ୍ରେରଣା ରହିଛି ସେମାନଙ୍କ ମଧ୍ୟରୁ ପ୍ରଥମତଃ ମୁଁ ମୋର ଛାତ୍ରଛାତ୍ରୀମାନଙ୍କୁ ଏଥିପାଇଁ ଅଶେଷ ଶୁଭକାମନା ଜଣାଉଛି । କାରଣ ସେମାନେ ମୋ' ଲେଖାଟିକୁ ପଢ଼ି ବହୁତ ଖୁସି ହୁଅନ୍ତି । ପଚାରନ୍ତି, ''ଦିଦି ଆଉ କ'ଣ ଲେଖିଛନ୍ତି ?'' ଏହି ପୁସ୍ତକରେ ସନ୍ନିବେଶିତ ଅଧିକାଂଶ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକଙ୍କ ଦ୍ୱାରା ଆଦୃତ ହୋଇଛି ।

ମୋର ସ୍ୱାମୀ ଶ୍ରୀ ରବି ମିଶ୍ର ଓ 'ସଂସାର' ପତ୍ରିକାର ସଂପାଦିକା ଶ୍ରୀମତୀ ଅନସୂୟା ନନ୍ଦ ମତେ ଯଥେଷ୍ଟ ସହଯୋଗ କରିଥିବାରୁ ମୁଁ ସେମାନଙ୍କୁ ମୋର କୃତଜ୍ଞତା ଜ୍ଞାପନ କରୁଛି ।

ପାଠକ/ପାଠିକାମାନଙ୍କୁ ମୋର ଅନୁରୋଧ, ବହିଟି ପଢ଼ି ସେମାନଙ୍କ ଗଠନମୂଳକ ମତାମତ ଦେଲେ ମୁଁ ଭବିଷ୍ୟତରେ ଅଧିକ ସରସ, ସୁନ୍ଦର ଭାବେ ଲେଖିପାରିବି ।

ଶ୍ରୀମତୀ ପ୍ରମିଳା ପତି

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
ଝୁମୁରୁ ଝାଇଁ	୭
ଭଲମନ୍ଦ	୮
ମୁଁ ସୈନିକ ହେବି	୯
ଏକ୍...ଦୁଇ....ତିନି	୧୦
ଗୁଣ ବଡ଼	୧୧
ଖରା	୧୨
କଲମଟିଏ ଦିଅ	୧୩
ମାଟି ମାଆ	୧୫
ଆମେ ଏକ	୧୬
ଧୋ ବାଇଆ.....	୧୭
କହିଲ ଦେଖି	୧୮
ସେ କିଏ ?	୧୯
କାହା ପାଇଁ ?	୨୦
ଆମେ ଓଡ଼ିଆ	୨୧
ମୁଁ ଛୋଟ ନୁହେଁ	୨୨
ଏ କଥା ମନରେ ରଖ	୨୩
ଜହ୍ନମାମୁଁ	୨୪
ଆସ ଆମେ ବୁଲିଯିବା	୨୫
ଓଡ଼ିଆ ଭାରି ବଢ଼ିଆ	୨୬
ସାଧବ ବୋହୂ	୨୭
ବରଷା	୨୮
ସୂର୍ଯ୍ୟ	୨୯
ଜନମ ମାଟି ଗାଁ	୩୦

ବିଷୟ	ପୃଷ୍ଠା
ଆରମ୍ଭ	୩୧
ଦଶରା' ଆସିଲା	୩୨
ପୁଷି ମାଉସୀ	୩୩
ଇଟିକିଲି ମିଟିକିଲି	୩୪
ମିତରେ	୩୫
ଗୁରୁ	୩୬
ମଇଁଷି ଶିଙ୍ଗ ଫଟା	୩୭
ବରଷାରାଣୀ	୩୮
ବାଲିଯାତରା	୩୯
ଛୋଟରୁ ବଡ଼	୪୦
ଘଣ୍ଟା	୪୧
ଦହିପଖାଳ	୪୨
ଗାଆଁକୁ ଆ'	୪୩
ଭଲଲାଗେ	୪୪
ବରଷା ଦିନେ	୪୪
କିଏ ସେ ଗଢ଼ିଲା ?	୪୫
ବରଷା ଅଟଇ ମଙ୍ଗଳକାରୀ	୪୭
ଜହ୍ନିଫୁଲ ଫୁଟିଲା	୪୮
ଠାକୁରଙ୍କୁ କିଆଁ ଡାକିବା	୪୮
ଆରେ ମେଘ ଆ	୪୯
କାହା ସାଥିରେ କିଏ	୫୦
ସରଗଶଶୀ	୫୧
ଚାଚା' ନେହେରୁ	୫୨

Digitized by srujanika@gmail.com

ଚିତିରିମିତିରି

ବିଷୟ	ପୃଷ୍ଠା	ବିଷୟ	ପୃଷ୍ଠା
ଆସରେ ଆସ	୫୩	ଆ ଜହ୍ନମାମୁଁ	୬୯
ଆଇଲାରେ	୫୪	ବଗୁଲା ଓ ବଗୁଲୀ	୭୦
ତୋ'ପରି ମୁଁ ହେବି	୫୫	ରାକ୍ଷୀ	୭୧
ଫୁଲକୋବି...ବନ୍ଧାକୋବି	୫୬	କଥାଟିଏ କହୁଁ	୭୨
ସୁନାଭାଇ	୫୭	ଗୁଣ ଦେଖ	୭୩
ଆ....ସୁନାଫୁଲ	୫୮	ନୂଆ ବରଷ	୭୪
ଚିତିରି ମିତିରି....ପରଜାପତି	୫୯	ଖଟାମିଠା	୭୫
ଫଗୁଣ ଆସିଲା	୬୦	ମହତ	୭୬
ପାଠର ମଜା	୬୧	ଆମେ ସବୁ ଟିକିଫୁଲ	୭୭
ନଈ	୬୨	ମନରେ ହେଜ	୭୮
ଦୂର	୬୩	ବାପା	୭୯
ଟିକ୍ ଟିକ୍...	୬୪	ଉଚ୍ଚ ପରବତ	୮୦
ହାତୀ ନେ...ଘୋଡ଼ା ନେ...	୬୫	ବିଦ୍ୟାଧନ	୮୧
ଜଳ	୬୫	ମନରେ ଥାଅ ରଖି	୮୨
ସ୍ୱାଗତ ନୂଆ ବରଷ	୬୭	ଗୁଣର ଆଦର କର	୮୩
ମାଆ	୬୮	ମିଠାଗୀତ	୮୪
ଯେ ଦେଶେ ଗଙ୍ଗା	୬୯	ପରିବେଶ ରଖ ସ୍ୱଚ୍ଛ	୮୬
		ଇଟିକିଲି ମିଟିକିଲି	୮୭

Digitized by srujanika@gmail.com

ଝୁମୁରୁ ଝାଇଁ

ଝୁମୁରୁ ଝୁମୁରୁ ଝୁମ୍ ଝୁମ୍ ଝୁମ୍......ଝୁମୁରୁ ଝାଇଁ
ସତ କହିବାକୁ ଆମେ ଡରିବା ନାହିଁ
ସତ କହି ପଛେ ମଲେ ମରିବା
ମିଛ କହି କିଆଁ ମିଛୁଆ ହେବା
ନଈ ଯାଏ ବହି ବହି
ନାହିଁ ତା ଡର
ଆସୁ ଯେତେ ଚଲାପଥେ
ବନ ପାହାଡ଼
ବିପଦରେ ଆମେ କେବେ......ହାରିବା ନାହିଁ
ହସ ହସି ନାଚିଯିବା ଘୁମ୍ ଝୁମ୍ ଝୁମ୍
ଝୁମୁରୁ ଝାଇଁ.... ।
ପାଠ ପଢ଼ି ଆମେ
କଳା ଘୋଡ଼ା ଚଢ଼ିବା
ମଧୁବାବୁ ପରି ଦେଶ ପାଇଁ ଲଢ଼ିବା
ସୁଖ ଶାନ୍ତି ଭରା ରାଇଜଟେ ଗଢ଼ିବା
ହାତେ ହାତ ଛନ୍ଦି ନାଚୁଥିବା ଘୁମ୍ ଝୁମ୍ ଝୁମ୍
ଝୁମୁରୁ ଝାଇଁ ।

(ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ)

Digitized by srujanika@gmail.com

ଭଲମନ୍ଦ

ଭଲ କାମଟି ଆଣଇ କେତେ ଯଶ
ମନ୍ଦ କାମଟି ଅରଜେ ଅପଯଶ ।
ଭଲ କଥାଟି ଗଢ଼େ ଅନେକ ମିତ
ମନ୍ଦ କଥାଟି ନୁହେଁ ସେ କାହା ହିତ ।
ଭଲ ବହିଟି ଶିଖାଏ କେତେ କଥା
ମନ୍ଦ ବହିଟି ଦିଅଇ ମନେ ବ୍ୟଥା ।
ଭଲ ସାଥୀଟି ବିପଦେ ହୁଏ ସାହା
ମନ୍ଦ ସାଥୀଟି ଦିଅଇ ଦୁଃଖ ଯାହା ।
ଭଲ ଜାଗାଟି ମନେ ଆନନ୍ଦ ଆଣେ
ମନ୍ଦ ଜାଗାଟି ଅସୁଖ ଦେଇ ଜାଣେ ।
ଭଲ ହେବାକୁ ସତ ପଥରେ ଚଲ
ବାଧା, ବିପଦେ ମନରେ ରଖ ବଳ ।
ଭଲ ମଣିଷ ସହେ ଯେ ସବୁ ଦୁଃଖ
ଦୁଃଖ ସହିଲେ ମିଳଇ ସତ ସୁଖ ।

✤✤

Digitized by srujanika@gmail.com

ମୁଁ ସୈନିକ ହେବି

ମାଆଲୋ ମାଆ ଦେ ସଜେଇ
ସୈନିକ ବେଶେ ଆଜି
ଲଢ଼ିବି ମୁହିଁ ଦେଶ ପାଇଁକି
ଶତ୍ରୁ ପଡ଼ିବେ ଭାଜି ।
କେତେ ଯେ ବୀର ଯବାନ୍ ସତେ
ମାଆର କୋଳ ତେଜି
ଜବାବ୍ ଦିଏ ଶତ୍ରୁ ସଇନେ
ଜୀବନ ରଖି ବାଜି ।
ଖେଳନା ମୋର ଲୋଡ଼ା ନାହିଁଟି
ବନ୍ଧୁକଟିଏ ଦିଅ
"ଜୟ ଜବାନ୍ ଜୟ କିଷାନ୍"
ଗୀତ ଶିଖେଇଦିଅ ।
ମାରିବି ଅବା ମରିବି ମୁହିଁ
ଏଇ ତ ପଣ ମୋର
ଝରେ ଯେ ଲୁହ ପୋଛିବି ମୁହିଁ
ଏ ଦେଶ କୋଟି ମାଆର ।
ଆମ ଏ ଦେଶ ସୁନାର ଦେଶ
ଆମେ ଶାନ୍ତିର ପୂଜାରୀ
ପଛଘୁଞ୍ଚା କେବେ ଦେବିନି ମାଆ
ଶତ୍ରୁ ସଇନେ ଡରି ।

Digitized by srujanika@gmail.com

ମାଆ ଲୋ ମାଆ ଦିଅ ଆଶିଷ
ଶତ୍ରୁ ବିନାଶ କରି
ଦେଶବାସୀଙ୍କ ମୁଖରେ ହସ
ଦିଏ ମୁଁ ଟିକେ ଭରି ।

(ଶୁଆସାରୀ)

✢✢

ଏକ୍...ଦୁଇ....ତିନି

ଏକ– ରଖିବା ଦେଶର ଟେକ ।
ଦୁଇ– ଭଲ ପିଲା ମୁହିଁ ।
ତିନି– ମନ୍ଦ କଥା ଶୁଣିବିନି ।
ଚାରି– ବିପଦେ ଯିବାନି ଡରି ।
ପାଞ୍ଚ– କହିବାନି ଜମା ମିଛ ।
ଛଅ– ଭଲ ମଣିଷ ହୁଅ ।
ସାତ– ପଢ଼ିବି ଭଲ ପାଠ ।
ଆଠ– କାମରେ ନ କର ମଠ ।
ନଅ– ସତ କଥା କହ ।
ଦଶ– ରଖିବି ଜାତିର ଯଶ ।
ଏଗାର– ଆମେ ସବୁ ଆପଣାର ।
ବାର– ଭାରତ ଆମର ଘର ।
ତେର– ମନରେ ନ ରଖ ଡର ।
ଚଉଦ– ନାହିଁ ଆମ ଜାତି ଭେଦ ।

Digitized by srujanika@gmail.com

ପନ୍ଦର— ଆମ ଲାଗି ଦେଶ ସୁନ୍ଦର ।
ଷୋହଳ— ପରିବେଶ ରଖ ନିର୍ମଳ
ସତର— ସଭିଏଁ ତ ମିତ ଆମର ।
ଅଠର— ପଛଘୁଞ୍ଚା ନାହିଁ ଆମର
ଉଣେଇଶି—କାମ କରିଯିବା ମିଳିମିଶି ।
କୋଡ଼ିଏ— ଆମେ ଭାରତୀୟ ସଭିଏଁ ।

✤✤

ଗୁଣ ବଡ଼

କୋଇଲି ରଙ୍ଗ କଳାରେ ସାଙ୍ଗ
କଣ୍ଠ ତା' ମଧୁବୋଳା
କଳା ଅଟଇ ମଥାର କେଶ
କଳା ତ ଚକାଡୋଳା ।
ରାତିଟି ଦିଶେ କଳାରେ ଭାଇ
ଅନ୍ଧାରେ ଲାଗେ ଡର
ରାତି ନ ଥିଲେ ଦିନ ନ ଥା'ନ୍ତା
ନ ଥା'ନ୍ତା ସଂଜ, ସକାଳ ।
ମେଘ ଦିଶଇ କଳାରେ ଭାଇ
ବିଜୁଳିକୁ ଲାଗେ ଡର
ମେଘ ନ ଥିଲେ ଜଳ ନ ଥା'ନ୍ତା
ନ ଥା'ନ୍ତା ଆମ ଘର ।

Digitized by srujanika@gmail.com

ଗୁଣର ସିନା ଆଦର ଥାଏ
ରୂପରେ କିବା କାମ
ହାତରେ ହାତ ମିଳାଇ ଭାଇ
(କର) ଗୁଣର ଜୟଗାନ ।

(ପ୍ରଜାତନ୍ତ୍ର ମୀନାବଜାର)

✤✤

ଖରା

ଫଗୁଣ ଗଲାଣି ଚାଲି..... କୋଇଲି ତ ଲୁଚିଲାଣି
ମଳୟ ଫେରିଗଲାଣି
ଚଇତାଳି ବାଆ...... ଲୁଚିଲାଣି କାହିଁ
ଖରା ମାରେ ଟାଇଁ ଟାଇଁ ।
ଝାଇଁ ଝାଇଁ ଝାଇଁ..... ଘୂରିଯାଏ ମଥା
ତାତି ହୁଏନାହିଁ ସହି
ଅଂଶୁଘାତ ଭୟ ଡରାଏ ସଭିଙ୍କୁ
ହୃଦୟ ଉଠଇ ଥରି ।
ନିଜ ପାଇଁ ନିଜେ ବିପଦ ଆମେ
ଆଣିଅଛେ ପରା ଡାକି
ଗଛ ଲତା କାଟି କଳ କାରଖାନା
କୋଠାଘର ଦେଇ ଗଢ଼ି ।

Digitized by srujanika@gmail.com

ଗଛଟି ଆମର ପରମ ବନ୍ଧୁ
ତା'ଲାଗି ବରଷା ଝରେ
ପରିବେଶ ଆମ ସୁରକ୍ଷିତ ରଖି
ଅଶେଷ ମଙ୍ଗଳ କରେ ।
ପିଲା ଗୋଟିଏକୁ ଗଛ ତ ଗୋଟିଏ
ଆଜି ଏ ଶପଥ କର
ଗଛଟିଏ ଭାଇ ଲଗାଇ ଦେଇ
ସବୁଜ ପୃଥିବୀ ଗଢ଼ ।
ନ ଥିବରେ ଡର ଅଂଶୁଘାତ, ଖରା
ଝଡ଼, ବତାସ, ବାଆକୁ
ଆମ ହାତ ଗଢ଼ା.... ସବୁଜ ଭବିଷ୍ୟ
ସାହା ହେବ ସିନା ଆମକୁ ।



କଲମଟିଏ ଦିଅ

କଲମଟିଏ ଦିଅ ହେ ମାଆ..... କବିଟିଏ ମୁଁ ହେବି
ଯେଉଁଠି ଯିଏ କାନ୍ଦଇ ଦୁଃଖେ..... ସେ କଥା ଗୀତେ ଲେଖିବି ।
ମୋ ଗୀତ ପଢ଼ି ସଂସାରୁ ଯେବେ.....ହୋଇବ ଦୁଃଖ ଦୂର
ଧନ୍ୟ ମଣିବି ଜୀବନ ସିନା...... ଆଉ କିବା ଲୋଡ଼ା ମୋର ।

Digitized by srujanika@gmail.com

ବନ୍ଧୁକଟିଏ ଦିଅ ହେ ମାଆ...... ଖେଳନା ଲୋଡ଼ା ନାହିଁ
ସୈନିକ ବେଶେ ଦିଅ ସଜେଇ..... ଲଢ଼ିବି ଦେଶ ପାଇଁ ।
ହଟାଇ ଶତ୍ରୁ ଜନମ ଭୂଇଁର...... ସନମାନ ମୁଁ ରଖିବି
କୋଟି ମା' ଆଖି ଲୁହକୁ ପୋଛି..... ଓଠରେ ହସ ଭରିବି ।

ନିହାଣଟିଏ ଦିଅ ହେ ମାଆ...... ଶିଳପୀଟିଏ ମୁଁ ହେବି
ପଥର ଦେହେ ଜୀବନ ଦେଇ..... କଳାର ଜୟ ଗାଇବି ।
ଦେଖି ସେ କଳା ସାରା ଜଗତ..... କହିବେ ଧନ୍ୟ ଭାରତ
ଯେଉଁ ଦେଶର ଶିଳପୀ ପୁଅ...... ପଥରେ ଫୁଟାଏ ହସ ।

ହଳ ଲଙ୍ଗଳ ଦିଅ ହେ ମାଆ..... କୃଷକଟିଏ ମୁଁ ହେବି
କରିବି ଚାଷ ମୁଁ ବାରମାସ..... ସୁନା ଫସଲ ଫଳାଇବି ।
ସୁଜଳା, ସୁଫଳା, ଶସ୍ୟଶ୍ୟାମଳା..... ମାଟି ମାଆ ମୋ ହସିବ
ଦେଶବାସୀଙ୍କୁ ଯୋଗାଇ ଦାନା..... ଦେହରେ ଶକ୍ତି ଭରିବ ।

ଦୀପଟିଏ ମୋ ହାତେ ଦିଅ ମା'......ପୂଜକଟିଏ ହେବି
ମନ୍ଦିର, ଗୀର୍ଜା, ଚର୍ଚ୍ଚ, ଗୁରୁଦ୍ୱାରେ.....ଈଶ୍ୱରେ ପୂଜା କରିବି ।
କହିବି ପ୍ରଭୁ ଶୁଣ ମୋ ଡାକ..... ସୁଖ, ଶାନ୍ତି ଦିଅ ଭରି
ବାଛବିଚାର କର ହେ ଦୂର..... ଏତିକି ମୋର ଗୁହାରି ।

Digitized by srujanika@gmail.com

ମାଟି ମାଆ

ଏ ମାଟି ଛୁଇଁ ଜନମ ନେଲି
ଡାକିଲି କୁଆଁ କୁଆଁ
ହସ, ଲୁହରେ, ସୁଖ, ଦୁଃଖରେ
ସିଏ ତ ମୋର ସାହା
ମାଆ ସିଏ ମୋ ମାଆ....... ଏ ମାଟି ମାଆ ।୦।
ତା'ନଈ, ଝରଣା, ବନ, ପାହାଡ଼
ମନେ ମୋ ଜଗାଏ ସପନର ଭିଡ଼
ମମତା ଭରା ତା'ପାଣି, ପବନ
ନିତି ଦିଏ ମୋତେ ନୂଆ ଜୀବନ
ତୋଟା ଗହଳେ କୋଇଲି କୁହୁ
ଝରି ପଡ଼ଇ ସତେ କି ମହୁ
ସରଗପୁରୀ ଓହ୍ଲାଇଛି କି..... ଏ ମାଟିରେ ଆହା ।୧।
ମାଟି ନୁହେଁ ଏ ତ ଅସଲି ସୁନା
ଯା'ପାଇଁ ପାଗଳ ବିଦେଶୀ ସିନା
ଏ ମାଟିକୁ କରେ ଶତ ପ୍ରଣାମ
ଲଭିବି ତା'କୋଳେ ସାତଜନମ
ସେବାରେ ତାର ଜୀବନ ମୋର
ଯାଉ ପଛେ ମାନ ରହୁଟି ତାର
ମୋ' ପାଇଁ ସେ ତ ମାଟି ନୁହେଁ ମୋର ମାଟି ମାଆ ।୨।

(ପ୍ରଜାତନ୍ତ୍ର, ମୀନାବଜାର)

Digitized by srujanika@gmail.com

ଆମେ ଏକ

ଆସରେ ଆସ ପିଲାଏ ଆସ
ଖେଳିବା ଆମେ ଖେଳ
ସାଙ୍ଗସରିସା ହୋଇ ଖେଳିବା
କରିବା ନାହିଁ ଗୋଳ ।
ଆସରେ ଆସ ମିଶାଅ ହାତ
ଆମେ ତ ସବୁ ଏକ
ଭେଦଭାବନା ନାହିଁରେ ନାହିଁ
ମାଆ ତ ଆମ ଏକ ।
ଆସରେ ଆସ ମିଳିମିଶିକା
ଗଢ଼ିବା ଆମ ଦେଶ
ହସଖୁସିର ନଈ ବହିବ
ରହିବନି ଅବଶୋଷ ।
ଆସରେ ଆସ ପୋଛିବା ଲୁହ
ଦୁଃଖରେ ଯିଏ କାନ୍ଦେ
ସ୍ନେହ ମମତା ଡୋରିରେ ବାନ୍ଧି
ରଖିବା ଆମ ସାଥେ ।
ଆମେରେ ସବୁ ହୋଇଲେ ଏକ
ଘୁଞ୍ଚିବ ଦେଶୁ ଦୁଃଖ
ଆମେ ଗଢ଼ିବା ସୁନାର ଦେଶ
ଏଇ ଆମ ଶପଥ ।

(ପ୍ରଜାତନ୍ତ୍ର, ମୀନାବଜାର)

Digitized by srujanika@gmail.com

ଧୋ ବାଇଆ.....

ଧୋ ରେ ବାଇଆ ଧୋ...ଓ...
ଧୋ ରେ ବାଇଆ ଧୋ...ଓ...
କଳା କିଟି କିଟି ରାତି ଆସେ ମାଡ଼ି
ଆଖି ବୁଜି କୁନା ଶୋ..ଓ... ।
ରୋଷଣି ଜାଳେ କୋଟିଏ ତାରା
ନୀଳ ଆକାଶ ସାରା
ଜହ୍ନ ଜାଳଇ ଦିହୁଡ଼ି ସେ ତ
ରୂପା ଆଲୁଏ ଭରା
ନିଦମାଉସୀ ମୁରୁକି.......ହସି ସପନ ପେଡ଼ି ଖୋଲେ
ଅଝଟ ଛାଡ଼ି ଗହଳ ନିଦେ
ଶୋଓରେ କୁନା ଶୋ.... ।
ପାହିଲେ ରାତି ଉଠିବ ମାତି
ଏଇ ଦୁନିଆ ସାରା
କେତେ ଯେ ଖୁସି କେତେ ଆଶାର
ମେଲିଯିବ ପସରା ।
ତୋରି ପାଇଁ ସବୁ ସୁଖକୁ.....ଆଣିବି ଧନ କିଣି
ରାଇଜ ସାରା କହିବେ ସତେ
ସୁନାପୁଅ କୁନା ମୋର.... ।

Digitized by srujanika@gmail.com

କହିଲ ଦେଖି

ଗୋଲାପ ଫୁଲରେ ତା' ଭାରି ଆଦର
ଫୁଲ ଭଳି ତାର ମନ ସୁନ୍ଦର
ଶିଶୁଟେ ଦେଖିଲେ କୋଳେଇନିଏ ସେ
ସେ କିଏ ? କହିଲ ଦେଖି......
ସେ ତ ଚାଚା ନେହେରୁ.....ସେ ତ ଚାଚା ନେହେରୁ ।

ଖଦଡ଼ ଲୁଗା ଦେହେ ଗୁଡ଼େଇ
ବିଦେଶୀକୁ ଦେଲା ଘଉଡ଼େଇ
କହିଲା, "ସ୍ୱାଧୀନ ଆମେ ମଣିଷ ଜାତି
ଏକା ରକତେ ଗଢ଼ା, ନାହିଁ ଜାତି, ଅଜାତି
ସେ କିଏ କହିଲ ଦେଖି.....
ସେ ତ ବାପୁଜୀ......ଦେହଟା ସିନା ନହକା ତାର
ମନଟା ଶକତ ଅତି ।

ବାପ ଛେଉଣ୍ଡ ପିଲାଟି ଦୁଃଖୀ
ବଡ଼ ହେଲା ସ୍ୱାଭିମାନକୁ ଜଗି
କହିଲା ସିଏ, "ଜୟ ଯବାନ୍, ଜୟ କିଶାନ୍
ଦେଶ ପାଇଁ ଏ ଦୁହେଁ ମହାନ୍ ।
ସେ କିଏ କହିଲ ଦେଖି....
ସେ ତ ଶାସ୍ତ୍ରୀଜୀ......ନୂଆ ରୂପେ ସଜେଇ
ଦେଶକୁ କଲା ମହାନ ।

✤✤

Digitized by srujanika@gmail.com



ସେ କିଏ ?

କଳା କିଟିକିଟି ଅନ୍ଧାର ରାତିରେ
ଦପ୍ ଦପ୍ ଆଲୁଅ ଜାଳେ ବିଲ, ବନରେ
ସେ କିଏ ? ସେ କିଏ ?
ସେ ତ ଜୁଳୁଜୁଳିଆ....ଆଲୁଅ ଜାଳେ ଭଳିଭଳିଆ ।

କଳା କଳା ମେଘ ଆକାଶେ ଦେଖି
ନାଚେ ଆନନ୍ଦରେ କଳାପ ଟେକି
ସେ କିଏ ? ସେ କିଏ ?
ସେ ତ ମୟୂର......ଜାତୀୟ ପକ୍ଷୀଟି ଆମର ।

କଳା କଳା ତାର ରଙ୍ଗଟି କଳା
ଗୁରୁମା ଲେଖନ୍ତି ତା'ଦେହ ସାରା
ସେ କିଏ ? ସେ କିଏ ?
ସେ ତ କଳାପଟା.....ତା' ଲାଗି ସରସିଆ ପାଠପଢ଼ା ।

Digitized by srujanika@gmail.com

କାହା ପାଇଁ ?

ଟିକି ମହୁମାଛି ଝୁଲି ଝୁଲି ଝୁଲି
ଫୁଲ ବଗିଚାରେ ବୁଲି ବୁଲି ବୁଲି
ବାଛି ବାଛି ଆଣେ ମହୁ
କାହା ପାଇଁ କୁହ କାହା ପାଇଁ ?
ସେ ତ ଆମରି ପାଇଁ......ଆମରି ପାଇଁ ।

ଟିପି ଟିପି ବରଷା ଝର ଝର ଝରି
ନଈ ପୋଖରୀରେ ଜଳ ଦିଏ ଭରି
ଜଳ ହିଁ ଜୀବନ.....କାହା ପାଇଁ କୁହ କାହା ପାଇଁ ?
ସେ ତ ଆମରି ପାଇଁ.....ଆମରି ପାଇଁ ।

ଟିକି ଟିକି ଆମେ ଯେତେ ଟିକିପିଲା
ବାଜି, ଧରମାର ଆଦରଣେ ଗଢ଼ା
ଶାନ୍ତି, ପ୍ରେମର କୋଣାର୍କ ଗଢ଼ିବା
କାହାପାଇଁ କୁହ କାହାପାଇଁ ?
ସାରା ଜଗତ ପାଇଁ......ସାରା ଜଗତ ପାଇଁ ।

Digitized by srujanika@gmail.com

ଆମେ ଓଡ଼ିଆ

ଓଡ଼ିଆ ଆମେ......ଓଡ଼ିଆ ଆମେ
ଓଡ଼ିଶା ଆମ ଘର
ଓଡ଼ିଆ ପୁଅ ବୋଲିରେ ଆମେ
ନାହିଁ କାହାକୁ ଡର ।
ଓଡ଼ିଆ କହୁ.....ଓଡ଼ିଆ ପଢ଼ୁ......
ଓଡ଼ିଶାକୁ ଭଲପାଉ
ସାରା ଦୁନିଆ ଆଗେ ଗରବେ....
ମଥାକୁ ଟେକିଥାଉ ।
ଓଡ଼ିଶା ମାଟି ପାଣି ପବନ
ଅଟେ ଅମୂଲମୂଲ
କୋଟି ସଂପଦ.....କୋଟିଏ ସୁଖ
ନ ହେବ ତାର ତୁଲ ।
ଏଇଠି ଆମ ଏନ୍ତୁଡ଼ିଶାଳ
ଏଇଠି ଜଳିବ ଜୁଇ
ମରଣ ପରେ ଆତ୍ମା ଆମର
(କହୁଥିବ) ଓଡ଼ିଆ ପୁଅ ମୁହିଁ ।

Digitized by srujanika@gmail.com

୫

ମୁଁ ଛୋଟ ନୁହେଁ

ମୁଁ ଯେ ଏକ କଳି..... ନାଚେ ଢଳି ଢଳି
ନାହିଁ ମନେ ମୋର ଦକା
କାଲି ତ ଫୁଟିବି..... ବାସ ଭରିଦେବି
ମଉଳିବି ବୋଲି ନାହିଁ ଶଙ୍କା ।
ଆଜି ସିନା ମୁହିଁ........ ଛୋଟ ଶିଶୁଟିଏ
କାଲି ତ ହୋଇବି ବଡ଼
ପାଠ ମୁଁ ପଢ଼ିବି...... ଦୁନିଆଁ ଗଢ଼ିବି
ଉଠାଇବି ବାଛବିଚାର–
ଜାତିଭେଦର ଯେତେ ଅଛି ବନ୍ଧବାଡ଼ ।
ଟିକିପିଲା ବୋଲି ଛୋଟ ମୁଁ ମଣେନା
ମନରୁ ମୋ' କେବେ ସାହସ ହାରେନା ।
ଛୋଟ ଜଳବିନ୍ଦୁ........ ଗଢ଼ିଦିଏ ସିନ୍ଧୁ
ଛୋଟ ଛୋଟ ବାଲି ଭରେ ବେଳାଭୂଇଁ
ଛୋଟ ବୋଲି କିଆଁ ଡରିଯିବି ମୁହିଁ ?
ମୁଁ ବାଜିରାଉତ..... ମୁଁ ଯେ ଧର୍ମପଦ
ମୁଁ ଲବ, କୁଶ....... ଧ୍ରୁବ, ପ୍ରହଲ୍ଲାଦ
ପ୍ରେମରେ କାଳିରେ ଶାନ୍ତିର ଅକ୍ଷରେ
ଲେଖିଦେବି ନୂଆ ଇତିହାସ ।

Digitized by srujanika@gmail.com

ଏ କଥା ମନରେ ରଖ

ଖରାପ କଥା ଦେଖିବା ମନା
ଖରାପ କଥା ଶୁଣିବା ମନା
ଖରାପ କଥା କହିବା ମନା
କହିଛନ୍ତି ପରା ବାପୁ
ଏ କଥା ମାନି ଚଳିଲେ ସାଙ୍ଗ
ଘୁଞ୍ଚିଯିବ ଦୁଃଖ ସବୁ ।
ସତ୍‌ପଥରେ ଚାଲରେ ଚାଲ
ସତଟି ଅଟେ ଅମୂଲମୂଲ
ସତ୍‌ପଥେ ଥାଏ କଣ୍ଟା
କଣ୍ଟା ପାଲଟେ ନରମ ଫୁଲ
ଆଦର ମିଳେ କେତେ
ସାଧନା ବଳେ ସିଦ୍ଧି ମିଳଇ.....ସତରେ ଥିଲେ ନିଷ୍ଠା ।
ନିଜେ ରହିଲେ ଭଲରେ ଖାଲି
ଜଗତୁ ଦୁଃଖ ଯିବନି ଚାଲି
ପରଆପଣା ଭାବନା ଭୁଲି
ଏକଆରେକ ହାତକୁ ଧରି
ଚାଲିବା ଯେବେ ବାଟ
କଠିନ କାମ ହେବ ସରଳ.....ଦୂରେଇଯିବ କଷ୍ଟ ।

Digitized by srujanika@gmail.com



ଜହ୍ନମାମୁଁ

ଜହ୍ନମାମୁଁ ତମେ ଭାରି ଚଗଲା
ଆକାଶରେ ଥାଇ ହସ ଖିଲିଖିଲି
ଡାକିଲେ ପାଖକୁ ଆସନା ଜମା ।
ରୂପା ପରି ତୁମ ଜହ୍ନ ଆଲୁଅ
ବିଞ୍ଛିଦିଅ ଏ ଧରାରେ
ଆମେ ଖେଳୁ ଖେଳ କେତେ ମଜାରେ
ନିତି ସଂଙ୍ଗେ ଗାଆଁ ଦାଣ୍ଡରେ ।
ଅଝଟିଆ ମୋର ଟିକିଭାଇଟି
ଗାହା ଧରି କାନ୍ଦେ ନିତି ସଂଙ୍ଗେଟି ।
"ଆ ଜହ୍ନମାମୁଁ ସରଗଶଶୀ" ଗୀତଟି ଗାଇ
ନାଚେ ଆନନ୍ଦରେ ତା ଥେଇ ଥେଇ ଥେଇ ।

ଜହ୍ନମାମୁଁ ! ଜହ୍ନମାମୁଁ ! ଥରେ ତଳକୁ ଆସ ନା
ତମ ଘର ତମ ଗାଁ ବୁଲେଇ ନିଅ ନା ।
ଥରେ ବୁଲିଗଲେ ତମ ଜହ୍ନ ରାଇଜରେ
ସୁନାପିଲା ହୋଇ ମନ ଦେବୁ ପାଠପଢ଼ାରେ ।

Digitized by srujanika@gmail.com



ଆସ ଆମେ ବୁଲିଯିବା

ଆସ ଆମେ ବୁଲିଯିବା......ନୀଳ ଆକାଶକୁ
ଚିକିମିକି ତାରା ସାଥେ.....ନାଚି ଖେଳିବାକୁ ।
ଆକାଶେ ପରା ଅଟଇ ଆମ.....ଜହ୍ନମାମୁଁଙ୍କ ଘର
ମାଇଁ ଦେଖିଲେ ଆମକୁ କେତେ......କରିବେ ଆଦର
କୋଳେ ବସେଇ କହିବେ ଗପ..... ଦୁଧଭାତ ଖୋଇଦେବେ
ଅଝଟ ହେଲେ ଜହ୍ନମାମୁଁ ତ....... ସରଗ ବୁଲେଇ ନେବେ ।
ଆମେ ଯିବା ସବୁ ଭୁଲି
ହସୁଥିବା ଖିଲିଖିଲି
ଭୁଲିଯିବା ଆମରି ଘରକୁ..... ।
ମେଘରାଇଜେ ଯିବାରେ ବୁଲି.......ମେଘ ଦୋଳିରେ ଝୁଲି
ବିଜୁଳିରାଣୀ ସାଥୀ ହୋଇବ
ଖେଳିବା ଲୁଚକାଳି
ଐରାବତ ହାତୀ ଚଢ଼ିବା....... ତୋଳିବା ପାରିଜାତ
ଇନ୍ଦ୍ରଭୁବନ ଶୋଭା ଦେଖିବା....... ଦେଖିବା ପରୀନାଚ
ଆମେ ଯିବା ସବୁ ଭୁଲି
ହସୁଥିବା ଖିଲିଖିଲି
ଭୁଲିଯିବା ଆମରି ଘରକୁ...... ।

**

Digitized by srujanika@gmail.com

ଓଡ଼ିଆ ଭାରି ବଢ଼ିଆ

ଓଡ଼ିଆ ଆମେ ଓଡ଼ିଆ ଆମେ
ଓଡ଼ିଶା ଆମ ଘର
ଓଡ଼ିଆ ଭାଷା କେତେ ମଧୁର
ଲାଗେ ସବୁଠୁ ଭଲ ।
ଏଇ ମାଟିର କୋଳେ କେତେ..... ବୀର ଜନମ ନେଲେ
ଧରମପଦ, ବାଜିରାଉତ..... ଦେଶ ପାଇଁ ଜୀବନ ଦେଲେ ।
ଏଇ ମାଟିର ମାୟାରେ ଭୁଲି...... ଦେବତା ନିଏ ଜନ୍ମ
ମଣିଷ ସାଥେ ହସି ଖେଳିକା..... ଜୀବନ ମଣେ ଧନ୍ୟ ।
କେତେ ମନ୍ଦିର କେତେ ଦେବତା.... ପୂଜା ପାଆନ୍ତି ଏଠି
ଗଡଗଡର ଗାଥା ଗାଉଛି....... ଦୁର୍ଗ ବାରବାଟୀ ।
ବନ, ଝରଣା, ଗଛ, ଲତାରେ..... ହସେ ଓଡ଼ିଶା ଭୂଇଁ
ଧନ, ସନମାନ, ମନମାନରେ ତା' ସରି ନାହିଁ କେହି ।
ଶାରଳା ଦାସ, ଜଗନ୍ନାଥ, କବିସୂର୍ଯ୍ୟ, ବଳଭଦ୍ର
ଅଭିମନ୍ୟୁ ସାମନ୍ତସିଂହାର..... କବି ଉପେନ୍ଦ୍ର ଭଞ୍ଜ
ଲେଖିଦେଇଗଲେ ଲେଖନୀ ମୁନେ.. କେତେ ଅମର କାବ୍ୟ
ଯାହାଙ୍କ ପାଇଁ ଓଡ଼ିଆ ଆଜି କରୁଛି ଏତେ ଗର୍ବ ।
ଏ ଦେଶ ମାଟି କୋଳେ ଜନମି, ବାଜିରାଉତ, ଧର୍ମପଦ
ଦେଶ, ଜାତିର ମାନ ରଖିଲେ... ଦେଇ ଜୀବନ ତ୍ୟାଗ ।
ଓଡ଼ିଶା ମାଟି ସରଗ ଆମ
ଆମେ ସରବେ ଏକ
ଏ ମାଟି ପାଇଁ ଗରବ ଆମ
ରଖିବା ତାର ଟେକ ।

Digitized by srujanika@gmail.com

ସାଧବ ବୋହୂ

ସାଧବବୋହୂ ଲୋ ସାଧବବୋହୂ
ଘାସ ପଡ଼ିଆରେ କୁଆଡ଼େ ଯାଉ ।
ନାଲିପାଟ ତୋର ଦିଶେ କି ସୁନ୍ଦର
ଥିରି ଥିରି ଚାଲୁ ପୁଣି ଅଟକିଯାଉ ।
ବଉଦ ରଥେ ଚଢ଼ି ଆସଇ ମେଘରଜା
ବଜାଇ ତେଲିଙ୍ଗି ବାଜା
ଚିକିମିକି ଜଳେ ବିଜୁଳି ରୋଷଣି
ଚଉଦିଗ ଫୁଲ, ଫଳରେ ସଜା ।
ବେଙ୍ଗୁଲିନାନୀ ଦିଏ ହୁଳହୁଳି
ଓଳିରୁ ଝରେ ପାଣି ଟପ୍‌ଟପ୍
କାଗଜ ଡଙ୍ଗା ମୋ ଯାଏ ଭାସି ଭାସି
କେଉଁ ରାଇଜରେ ଅଟକିଯିବ ।
ନାଲି ଗୁଲୁଗୁଲୁ ପାଦଟି ତୋର
ଟିକି ଦେହ ତୋର କେଡ଼େ ନରମ
ବରଷା ପାଣିରେ ବୁଲୁଥାଉ ଭିଜି
କେତେ ଖୁସି ଆଜି ତୋହରି ମନ ।

Digitized by srujanika@gmail.com

ବରଷା

ବରଷା ଆସିଲା ଧରଣୀ ହସିଲା ।
ହସିଲାରେ ବିଲ, ବନ
ଫକ୍ ଫକ୍ ଡିଏଁ ବେଙ୍ଗୁଲିନାନୀ
ସାଧବବୋହୂ ଦେଖେ ସପନ ।
ଶାଖାରେ ଶାଖାରେ ପତରର ଭିଡ଼
ଫୁଲ ଫଳେ ଗଛ ଭାଙ୍ଗେ ଅଳସ
ସବୁଜ ଘାସର ଗାଲିଚାବ୍ଦେ ଦେଖ
ମାଟି ମାଆ ଦିଶେ କେଡ଼େ ସରସ ।
ନଇ ପୋଖରୀରେ ଜଳର ଗହଳ
ଚଷା ଭାଇ ଗାଏ ସରାଗେ ଗୀତ
ଝଡ଼ି, ବରଷାକୁ ଖାତର ନ କରି
ମାଟି କାଦୁଅକୁ ଆଦରେ ସେ ତ ।
ଗ୍ରୀଷମ ଦାଉ ନାହିଁ ତ ରେ ଆଉ
ଦେହରୁ ବହେନା ଝାଳ
ବରଷା ପାଇଁକି କେଡ଼େ ଯେ ଆନନ୍ଦ
ଧରଣୀରେ ଲାଗିଅଛି ଗହଳ ।
ବର୍ଷା ଦିଏ ଜଳ, ଜଳ ହିଁ ଜୀବନ
ଜଳ ବିନା ସୃଷ୍ଟି ହୁଅଇ ନାଶ
ଏ ବରଷା ଋତୁ ଭାରି ଉପକାରୀ
ଆମ ପାଇଁ ତାଳେ ଶୁଭ ଆଶିଷ ।

Digitized by srujanika@gmail.com



ସୂର୍ଯ୍ୟ

ସୂର୍ଯ୍ୟ ନିଜେ ଜଳି ଆଲୋକ ଦିଏ
ଦିନ ପରେ ରାତି ତା' ପାଇଁ ହୁଏ ।
ନାଳ, ନରଦମା, ପୋଖରୀ, ନଈ
ବଣ, ବିଲ ସବୁ ଯାଏ ସେ ଛୁଇଁ ।
ତା' ପାଖରେ ନାହିଁ ବାଛବିଚାର
ଭଲମନ୍ଦ କିଏ ଅସୁନ୍ଦର କିଏ ସୁନ୍ଦର ।
ତା'କିରଣ ଛୁଏଁ ସଭିଙ୍କୁ ସ୍ନେହେ
ଶକତି ଭରଇ ସବୁରି ଦେହେ ।
ସୂର୍ଯ୍ୟ ଲାଗି ମେଘମାଳା ଜନମେ
ବରଷି ଜଳ ଲାଗେ ଆମରି କାମେ ।
ଦିନ ପରେ ଦିନ ଯୁଗ ଯାଏ ବିତି
ସୂର୍ଯ୍ୟ ଆଲୋକ ଢାଳୁଅଛି ନିତି ।
ମନରେ ତା' ନାହିଁ ଟିକିଏ ଦୁଃଖ
ନିଜେ ଜଳି ବାଣ୍ଟଇ ସେ ତ ସୁଖ ।
ପର ଉପକାର ତାହାର ଧର୍ମ
ସୂର୍ଯ୍ୟ ସତେ ଅଟେ କେଡ଼େ ମହାନ ।

(ଶୁଆସାରୀ)

Digitized by srujanika@gmail.com

ଜନମ ମାଟି ଗାଁ

ଯେ ମାଟି ଛୁଇଁ ଜନମ ନେଲି.....ଡାକିଲି କୁଆଁ କୁଆଁ
ସିଏ ତ ମୋର ଅତି ନିଜର.....ଜନମ ମାଟି ଗାଆଁ ।
ତାଳ, ତମାଳ ଗଛ ଗହଳେ
ଭଳିକି ଭଳି ଫୁଲ ବାସରେ
ସୁନ୍ଦର ତା'ରୂପ ଚହଲେ
ତା' ବନ, ବିଲ ସବୁଜ ଶୋଭା
ଲାଗଇ ନିତି ନୂଆ.... ।

ଏଇ ଗାଆଁର ତୋଟା ଗହଳେ.....ଫଳଇ ଆମ୍ବ, ଜାମୁ
ପତର ଫାଙ୍କେ କୋଇଲି ଡାକେ.....ହସି ଉଠେ ଜହ୍ନମାମୁଁ
ସଂଜ ଗଡ଼ିଲେ କିଆ ବୁଦାରେ
ବିଲୁଆନନା କୁହାଟ ମାରେ
ଆଈମା ବୁଢ଼ୀ କାହାଣୀ ପେଡ଼ି
ଖୋଲି ବସେ ନୂଆ ନୂଆ..... ।

ଚଷାଭାଇର ସରଗ ପରା......ଏଇ ଗାଁ'ର ମାଟି କାଦୁଅ
ଫଳାଏ ସୁନା ଯୋଗାଏ ଦାନା....ପର ଆପଣା ନାହିଁ କେ ତାର
ନଈ ତୁଠରେ ପାହାନ୍ତି ବୁଡ଼
ଦାଣ୍ଡ ଧୂଳିରେ ଆମରି ଖେଳ
ଅପାସୋରା ତା' ସୁନ୍ଦର ଛବି
ଧୂଳି ସରଗ ମୋ' ଗାଆଁ.... ।

Digitized by srujanika@gmail.com

ଯେଉଁଠି ଥିଲେ ଯେତେ ଦୂରରେ
ତା'ପାଇଁ ମନ ନିଇତି ଝୁରେ
ଭୁଲିହୁଏନା ଏତେ ଅଭୁଲା
ଛୋଟିଆ ତାର ନାଆଁ ।

(ପ୍ରଜାତନ୍ତ ମୀନାବଜାରରେ ପ୍ରକାଶିତ)

ଆରମ୍ଭ

ଏଇ ତ ଆରମ୍ଭ ମୋର ପ୍ରଥମ ଚାଲିବା
ଚାଲୁ ଚାଲୁ ବାରମ୍ବାର ଝୁଣ୍ଟି ପଡ଼ିବା
ପୁଣି ସାହସ ଧରି ପାହାଚେ ପାହାଚେ
ଆଗେଇ ଚାଲିବା ।
ଏଇ ତ ଆରମ୍ଭ ମୋର କଥା କହିବା
କହୁ କହୁ ଭୁଲ୍ କରି ସଜାଡ଼ି କହିବା
ମାନ ଅପମାନ ସବୁ ଭୁଲିଯାଇ
ପୁଣି ସତ କହିବା ।
ଏଇ ତ ଆରମ୍ଭ ମୋର ପ୍ରଥମ ହସିବା
ହସୁ ହସୁ ଆଖିରୁ ଲୁହ ଝରେଇବା
ପୁଣି ସେ ଲୁହକୁ ପୋଛି
ହସି ହସେଇବା ।
ଏଇ ତ ଆରମ୍ଭ ମୋର ପ୍ରଥମ ଲେଖିବା
ଲେଖୁ ଲେଖୁ ବାରମ୍ବାର ଭୁଲ୍ ଲେଖିବା

Digitized by srujanika@gmail.com

ଭୁଲ୍‌କୁ ସଜାଡ଼ି ପୁଣି ଠିକ୍ ଲେଖିବା
ଭୁଲ୍ ଠିକ୍‌ର ଫରକ ଜାଣିବା ।

(ପ୍ରଜାତନ୍ତ୍ର ମୀନାବଜାର)

✣✣

ଦଶରା' ଆସିଲା

ଛାଡ଼ିଗଲା ବରଷା...ଭୂଇଁ ହେଲା ସରସା
ଆକାଶ ଦିଶଇ ସୁନୀଳ
ଚିକିମିକି ତାରା ଗହଣରେ ଜହ୍ନ
ଢାଳିଦିଏ ତୋଫା ଆଲୁଅ ।
ନଈ, ପୋଖରୀର ଜଳ ସୁନିର୍ମଳ
ଧଳା ହଂସଦଳ କରନ୍ତି ଖେଳା
ନଈପଠା ଧାରେ କାଶତଣ୍ଡୀ ଫୁଲ
ମେଲେଇ ଦେଇଛି ରୂପ ପସରା ।
ଦୁର୍ଗା ମାଆ ପରା ଆସିବେ ଧରାକୁ
ସିଂହ ବାହନରେ ଚଢ଼ି
ଶରତେ ମରତ ସ୍ୱର୍ଗ ପାଲଟିବ
ଆସ ଯିବା ଆମେ ଦଶରା' ବୁଲି ।
ମାଆଙ୍କୁ କରିବା ଏତିକି ମାଗୁଣି
ଧରା ପୃଷ୍ଠେ ସୁଖ, ଶାନ୍ତି ବିରାଜୁ
ରୋଗ, ଦୁଃଖ, ଶୋକ, ଯୁଦ୍ଧ, ହିଂସା, ଭୟ
ଦୂର କର ସତ୍ୟ, ଧର୍ମେ, ମନଟି ମଜୁ ।

✣✣

Digitized by srujanika@gmail.com

ପୁଷି ମାଉସୀ

ପୁଷି ମାଉସୀ ପୁଷି ମାଉସୀ
ବସିଛୁ କିଆଁ ମିଛରେ ରୁଷି
ତୋ'ବାଟ ଚାହିଁଛି ମୂଷି ମାଉସୀ
ଖେଳିବ ତୋ' ସାଥେ ଟୁଉକୁମୂଷି ।
ପୁଷି ମାଉସୀ ପୁଷି ମାଉସୀ
ଦୁଧ ଭାତ ତୋତେ ଦେବି ପରଶି
ମାଛଭଜା ଦେବି ହୋଇବୁ ଖୁସି
ମନ ମଉଜରେ ଖାଇବୁ ବସି ।
ପୁଷି ମାଉସୀ ପୁଷି ମାଉସୀ
ତୋ' ରାଗକୁ ଦେଖି ମୂଷି ମାଉସୀ
ମୁରୁକି ମୁରୁକି ଦଉଚି ହସି
ସାଙ୍ଗସରିସାଙ୍କୁ କହୁଛି ବସି
ପୁଷି ମାଉସୀର ଆଜି ଏକାଦଶୀ
ପୁଷି ମାଉସୀ ପୁଷି ମାଉସୀ ।
ଚୁଲି ମୁଣ୍ଡେ ମିଛେ ବସନା ରୁଷି
ଦଳବଳ ଘେନି ମୂଷି ମାଉସୀ
ଘର ସାରା ତିଏଁ ହୋଇ ସେ ଖୁସି
ପୁଷି ମାଉସୀ ପୁଷି ମାଉସୀ ।

(ପ୍ରଜାତନ୍ତ୍ର ମୀନାବଜାର)

Digitized by srujanika@gmail.com

ଇଟିକିଲି ମିଟିକିଲି

ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ମିଛଟାରେ ମନ ମାରି କୁହ କିଆଁ ବସିଚ ।
ଆମ୍ବତୋଟାରେ ଆସ ଦୋଳି ଖେଳିବା
ଟୁବ ଗାଡ଼ିଆରେ ଆମେ ବୁଡ଼ ମାରିବା ।
ଗାଡ଼ିଆରେ ଫୁଟିଛି ନାଳିଆ କଇଁ
ଫୁଲ ତୋଳି ଦେବା ମନ୍ଦିରେ ନେଇ ।

ଅଝଟିଆ ହୁଏ ଆମରି କୁନି
ଗପ କହି ତାକୁ କରିବା ତୁନି ।
ସଅଳ, ସଅଳ ସାରିବା ପାଠ
ନହେଲେ ଗୁରୁ କରିବେ ଆକଟ ।
ଗୁରୁଜନଙ୍କର କଥା ମାନିବା
ତେବେ ଯାଇ ଭଲ ମଣିଷ ହେବା

(ସୁନାଭଉଣୀ)

Digitized by srujanika@gmail.com

ମିତରେ

ମିତରେ...ଆସ ଯିବା ବିଦ୍ୟାମନ୍ଦିରକୁ
ଗୁରୁଙ୍କୁ ଭେଟିବା ଚରଣେ ଲୋଟିବା
ମଥାରେ ଘେନିବା ଶୁଭାଶିଷକୁ.... ।
ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ମହେଶ୍ୱର
ଲାଳନ ପାଳନ ଧ୍ୱଂସର ଠାକୁର
ତାଙ୍କ ବିନା ସିନା ଜୀବନ ଅନ୍ଧାର
ଧନ, ଯଉବନ, ସମ୍ପଦ ଅସାର
ମନରେ ଭକତି ହୃଦୟେ ବିଶ୍ୱାସ
ଭରି ଲୋଡୁଥିବା ତାଙ୍କରି ଆଶିଷ
ନିତି ହେଜୁଥିବା ତାଙ୍କ ଆଦରଶକୁ... ।
ମାତା ପିତା ଦେଲେ ଜନମ ଆମକୁ
ଗୁରୁ ଧର୍ମକର୍ମ ଶିଖାଇଲେ
ସଂସାର ସାଗରେ ସୁଖେ ତରିବାକୁ
ଗୁରୁ ଜ୍ଞାନର-ନଉକା ଦେଲେ
ମିଛ ଦୁନିଆରେ ଗୁରୁ ଏକା ସତ
ଚଳନ୍ତି ଠାକୁର ହୋ'ନ୍ତି ଆତଯାତ
ତାଙ୍କ ପାଦେ ଢାଳିଦେବା ଭକ୍ତି ଅର୍ଘ୍ୟକୁ... ।

Digitized by srujanika@gmail.com

ଗୁରୁ

ଗୁରୁ ତୁମେ ଚିର ବନ୍ଦନୀୟ
ଗୁରୁ ତୁମେ ଚିର ପୂଜନୀୟ.... ।
ମାତା ପିତା ସିନା ଜନମ ଦେଲେ
ଗୁରୁ ଧରମ କରମ ଶିଖାଇଲେ
ଅଜ୍ଞାନ ଅନ୍ଧାର ଘୁଞ୍ଚାଇ ଜୀବନୁ
ନୂଆପଥ ଗୁରୁ ଦେଖାଇଦେଲେ
ସଳିତା ପରି ନିଜେ ଜଳି ଜଳି
ଜ୍ଞାନର ଆଲୋକ ଦୁନିଆଁରେ ଭରି
ଯୁଗେ ଯୁଗେ ତୁମେ ମହନୀୟ... ।
ଗୁରୁଙ୍କ ଦାନର କଳନା ନାହିଁ
ପାରିବ କି କିଏ ପ୍ରତିଦାନ ଦେଇ
କରୁଥିବୁ ପୂଜା ଥିବୁ ଯେତେଦିନ
ଗୁରୁଦେବ ଆମ ପ୍ରଣତି ହେ ଘେନ
ନ ଘେନିବ କେବେ ଆମ ଦୋଷ
ଆମେ ଅବୋଧ ଶିଶୁ ଦିଅ ଶୁଭାଶିଷ
ଯୁଗେ ଯୁଗେ ତୁମେ କ୍ଷମାମୟ... ।

Digitized by srujanika@gmail.com

ମଇଁଷି ଶିଙ୍ଗ ଫଟା

ମଇଁଷି ଶିଙ୍ଗ ଫଟାରେ
ଜୁଝିଲା ବେଳକୁ ଗୋଟା
ଏ ଦେଶରେ ଛନ୍ତି ଯେତେ ପୁଅଝିଅ
ହସ, ଭାଷ ତାଙ୍କ ମିଠା ।

ଗଛରେ ପାଚିଲା ବେଲରେ
ଅଜା ଖେଳୁଛନ୍ତି ଗେଲ
ମଜା କଥା କହି ହସେଇ ହସେଇ
ଆମକୁ ପାଆନ୍ତି ଭଲ ।

ନଈରେ ଗୋଳିଆ ପାଣିରେ
ବାପା ଯାଇଛନ୍ତି ସଉଦା କିଣି
ନୂଆ ଜାମା ଯୋତା ପିନ୍ଧି ଦଶରା'କୁ
ବୁଲିବୁ ଭାଇଭଉଣୀ ।

ମନ ହୁଏ ଛକପକରେ
ଆମେ ଶିଶୁ ସଇନିକ
କଲମ ସାଥିରେ ବନ୍ଧୁକ ଧରିବୁ
ରଖିବୁ ଦେଶର ଟେକ ।

ଗହଳ ବିଲରେ ଧାନରେ
ପାଠ ପଢ଼ିବାକୁ ମନ
ବୁଢ଼ୀମା' ଧରିଛି ସିଲଟ, ଖଡ଼ି
ଗଣେଶଙ୍କୁ କରି ଧ୍ୟାନ ।

କଲରା ଲାଗଇ ପିତାରେ
ନିଇତି ପଢ଼ିଲେ ଗୀତା

Digitized by srujanika@gmail.com

ଧରମ କରମ ପଥରେ ଚଳିବା
ହୋଇବା ଜଗତଜିତା ।
ଓଳିତଳେ ପାଣି ସୁଅରେ
ଆମେ ତ ଓଡ଼ିଆ ପୁଅ
ଧରମା ବାଜିଆ ଆଦରଣେ ଗଢ଼ା
ଆମ ସରି କିଏ କୁହ !

✣✣

ବରଷାରାଣୀ



ବରଷାରାଣୀ ବରଷାରାଣୀ
କଳା ମେଘି ପାଟ ଓଢ଼ଣି ଟାଣି
ଢାଙ୍କି ଦେଇଛି ଆକାଶ ସାରା
ଟୁପୁରୁ ଟାପୁରୁ ଟୁପୁରୁ ଟାପୁରୁ
ଝରେ ବରଷା ରାତିଟା ସାରା ।
ସରସା ହୁଏ ନିରସା ଭୂଇଁ
ଫସଲରେ ଭରା କ୍ଷେତକୁ ଚାହିଁ
ଚଷାଭାଇ ଗାଏ ଗୀତ
ଫୂକରୁ ଫକୁରୁ ବେଙ୍ଗୁଲିନାନୀ
ସାରୁ ଗଛ ମୂଳେ ଦେଖାଏ ଠାଣି
ନାଲି ଗୁଲୁ ଗୁଲୁ ସାଧବ ବୋହୂ ତା'ମିତ ।
ଗାଁ ଦାଣ୍ଡେ ଛୁଟେ ପାଣିର ସୁଅ
ପୂରଇ ନଈ, ପୋଖରୀ, କୂଅ
ଜଳର ଅଭାବ ଘୁଞ୍ଚେ

Digitized by srujanika@gmail.com

କାଗଜ ଡଙ୍ଗାଟି ଭସେଇ ଦେଇ
ପାଣିଫୋଟକାକୁ ଗଣଇ ଚାହିଁ
ନିମିଷକେ ମିଳାଇଯାଏ
ସୁନ୍ଦର ରୂପ ତା’ କେବେ କି ଭୁଲିହୁଏ ।
ବରଷା ଜୀବର ସାହା ଭରସା
ପୂରାଏ ସକଳ ମନର ଆଶା
ଜଳଦାନ କରି ଜୀବନ ଦିଏ
ଜଳ ବିନା ସତେ ବଞ୍ଚିବ କିଏ
ଜଳକୁ ରଖ ସାଇତି
ସବୁ ଦରବଠୁ ଅମୂଲ ମୂଲ ସମ୍ପତ୍ତି ।

ବାଲିଯାତରା

ସକ୍ ସକ୍ ହୁଏ ମିନି
ଯିବ ବାଲିଯାତରା
ଛଟ୍‌ପଟ୍ ମନ ତାର
ଖାଇବାକୁ ଦହିବରା ।

ଘିର୍ ଘିର୍ ଘୂରିବ ସେ
ଘୋଡ଼ା ହାତୀ ଦୋଳିରେ
ଫିକ୍ ଫିକ୍ ହସୁଥିବ
ଆଇସ୍‌କ୍ରିମ୍ ଖାଇରେ ।

Digitized by srujanika@gmail.com

ପେଏଁ ପେଏଁ ପେଁ କାଳି
କିଣିବ ସେ ବହୁତ
ଚାବିଦିଆ କଣ୍ଢେଇଟେ
ଆଣିବ ଭାଇ ପାଇଁ ତ ।

ଚଟ୍‌ପଟ୍ ବାହାରିପଡ଼
କହିଦେଲେ ବାପା
ଖପ ଖପ୍ ଡିଏଁ ମିନି
ପିନ୍ଧି ଜାମା ସଫା ।

✤✤



ଛୋଟରୁ ବଡ଼

ଛୋଟ ମଞ୍ଜିଟି ହୁଅଇ ଚାରା
ଚାରା ପାଳଟେ ଗଛ
ଫୁଲଫଳ ସେ ଯୋଗାଇଥାଏ
ଆମକୁ ବର୍ଷ ବର୍ଷ ।
ଜଳ ବିନ୍ଦୁଟି କରଇ ସୃଷ୍ଟି
କେତେ ଯେ ଜଳଧାର
ଜଳଧାରାଟି ସରଜି ପାରଇ
ବିରାଟ ସାଗର ।
ଛୋଟ ପିଲାଟି ହୁଅଇ ବଡ଼
କରି ସେ ଭଲ କାମ
ସାରା ଜଗତେ ଅରଜିପାରେ
ନିଜର ଯଶ ମାନ ।
ଛୋଟରୁ ସର୍ବେ ହୁଅନ୍ତି ବଡ଼...
ଏ ତ ସୃଷ୍ଟିର ନିୟମ
ଛୋଟକୁ କେବେ କରନା ହେଳା...
ଛୋଟର ବଡ଼ କାମ ।

✤✤

Digitized by srujanika@gmail.com



ଘଣ୍ଟା

ଦିନରାତି ଚାଲୁଥାଏ ପଡ଼େନା କେବେ ଥକି
ନିଦ ନାହିଁ ମତେ ଭୋକ ନାହିଁ ଚାଲେ ଟିକିଟିକି ।
ମୋ'ଦେହରେ ତିନିଟା କଣ୍ଟା ଘୂରେ ଘରିଘିରି
'ଏକ'ଠାରୁ 'ବାର' ଯାଏଁ ସଂଖ୍ୟାରେ ପହଁରି ।
ଶବ୍ଦ କରେ ମୁଁ ଟିକ୍‌ଟିକ୍
ସମୟ କହେ ମୁଁ ଠିକ୍‌ଠିକ୍ ।
ମୋ'ସାଥିରେ ସାଥୀ ହୋଇ ଚାଲରେ ପିଲେ
କେଉଁ କାମରେ ହାରିବ ନାହିଁ ଜିତିବ ସବୁବେଳେ ।
ସମୟ ଅଟେ ଅମୂଲମୂଲ ବୁଝିପାରିବ ତୁମେ
ମୋ'ପରିକା ଆଗେଇଯିବ ଜୀବନେ ସବୁ କାମେ ।
ଆଜି କାମ ଏବେ ସାରିବ ରଖିବ ନାହିଁ ବାକି
ଅଳସପଣ ଯିବ ଦୂରେଇ ମତେ ଦେଖି ଦେଖି ।

Digitized by srujanika@gmail.com

ଦହିପଖାଳ

ଦହିପଖାଳ ସେ ଦହିପଖାଳ
କିଏ ହେବ ତାର ସରି
ଧନୀଠୁ ଗରିବ ସଭିଙ୍କ ପାଶରେ
ଆଦର ତାହାର ଭାରି ।
ତା' ସାଥିରେ ଭାରି ଭଲଲାଗେ
ବଡ଼ିଚୁରା, ଆମ୍ବଚଟଣି
ଖାଇବାର ମଜା କେ କହିପାରିବ
ମାଉଁସ ପଲଉ ମାଗିବନି ।
ଦେହ ପାଇଁ ଥଣ୍ଡା, ପେଟ ପାଇଁ ଥଣ୍ଡା
ତତଲା ଗ୍ରୀଷମ ଋତୁରେ
ମୂଲ ତା' ଅଳପ କାମ ତା' ବହୁତ
ଖରା ହେଉ କି ବରଷାରେ ।
ଓଡ଼ିଆ ଘରର ପ୍ରିୟ ଖାଦ୍ୟଟିଏ
ଦେଖିଲେ ପାଟିରୁ ଲାଳ ତ ବହେ
ନିତି ଝୁରେ ମନ ପଖାଳ କଂସାକୁ
(ତା') ସୁଆଦ ଜାଣିଛି ଖାଇଛି ଯିଏ ।

Digitized by srujanika@gmail.com

ଗାଆଁକୁ ଆ'

ଆ' ସାଙ୍ଗ ଥରଟେ ତୁ ଗାଆଁକୁ ଆ
ଗାଁ ପରବେ ମିଳି ସରବେ
ମଜା ଉଠାଇ ଯା.... ।
ରଜରେ ବନ୍ଧା ଡୋଟାରେ ଦୋଳି
ଝିଅ ବୋହୂଙ୍କର ଲାଗେ ଗହଳି
ପୋଡ଼ପିଠା, ରଜପାନ
ସଭିଙ୍କ ମୁଖ ହସରେ ଭରା
ଭାବେନା କେ ବଡ଼ ସାନ
ଗାଁ'ମାଟିରେ ପଡ଼ଇ ଖସି......
ସରଗ ସୁଖ କି ଆହା ।
କୁଆଁର ପୁନେଇଁ ତୋଫା ଜହ୍ନଟା
ଚଉରା ମୂଳରେ ଚାନ୍ଦଚକଟା
ଖଇ, ଛେନା, ନଡ଼ିଆ
ଥଟ୍ଟା ମଜାରେ ରାତିଟା ପାହେ
ଦାଣ୍ଡ ଉଛୁଳେ ଗୀତର ସୁରେ
ଗାଁ'ମାଟିରେ ପଡ଼ଇ ଖସି......
ସରଗ ସୁଖ କି ଆହା ।

Digitized by srujanika@gmail.com

ଭଲଲାଗେ

ଭଲଲାଗେ ଖାଇବାକୁ...କ୍ଷୀରି, ପୁରି, ଆରିସା ।
ଭଲଲାଗେ ଅଜାଙ୍କର...ମଜା ଗପ ସରସା ।
ଭଲଲାଗେ ଝିପିଝିପି ବରଷାରେ ଭିଜିବା
ଭଲଲାଗେ ସାଙ୍ଗ ମେଳେ ଧୂଳିଘର ତୋଳିବା ।
ଭଲଲାଗେ ଗାଁ' ମାଟି, ନଈ, ତୋଟା ଗହଳ
ଭଲଲାଗେ ବଣଭୋଜି...ଥଟ୍ଟା, ମଜା, ଚହଳ ।
ଭଲଲାଗେ ପାଠପଢ଼ି ନୂଆ କଥା ଜାଣିବା
ଭଲଲାଗେ ଦୁଃଖୀ, ରଙ୍କି ମନ କଥା ଜାଣିବା ।
ଭଲଲାଗେ ଭଲ କାମେ ଆଗ ହୋଇ ବଢ଼ିବା
ଭଲଲାଗେ ସମୟର ସାଥେ ସାଥେ ଚାଲିବା ।

(ପ୍ରଜାତନ୍ତ୍ର ମୀନାବଜାର)

✢✢

ବରଷା ଦିନେ

ଟିପ୍ ଟିପ୍ ଟିପ୍ ଗୀତର ସୁରେ
ଝିପ୍ ଝିପ୍ ଝିପ୍ ବରଷା ଝରେ
ଚକ୍ ଚକ୍ ମାରେ ବିଜୁଳି
ମନ ମଉଜରେ ସାରୁଗଛ ମୂଳେ
ଫକ୍ ଫକ୍ ଡିଏଁ ବେଙ୍ଗୁଲି ।

Digitized by srujanika@gmail.com

ତରତର ହୋଇ ସାଧବବୋହୂ
ଘାସ ପଡ଼ିଆରେ କୁଆଡ଼େ ଯାଉ
　　　　ନାଲି ନାଲି ତୋର ପାଟ ଓଢ଼ଣି
　　　　ସବୁରି ମନକୁ ନିଅଇ କିଣି ।
ଘଡ୍ ଘଡ୍ ଘଡ୍ ଘଡ଼ଘଡ଼ି
ଚଡ୍ ଚଡ୍ କରେ ଚଡ଼ଚଡ଼ି
　　　　ଚଷାଭାଇର ମନ ହରଷ
　　　　ସଅଳ ସଅଳ ବିଲକୁ ଯାଏ ସେ
　　　　ଯୋଗାଇବ ଦାନା କରି ସେ ଚାଷ ।

କିଏ ସେ ଗଢ଼ିଲା ?

କିଏ ସେ ଗଢ଼ିଲା ଏତେ ବଡ଼ ଧରା
ଗଛ ଲତା ସବୁ ଫୁଲ ଫଳେ ଭରା
　　　　ସାଗର, ଝରଣା, ନଈ
କୁଳୁ କୁଳୁ ଗୀତେ ଜଳଦାନ କରି
　　　　ଯାଉଥାନ୍ତି ବହି ବହି ।
କିଏ ସରଜିଲା ବରଷା, ବିଜୁଳି
ବାରମାସେ ଛଅ ଋତୁର ଶିକୁଳି
　　　　ଗ୍ରୀଷ୍ମ, ବର୍ଷା, ବସନ୍ତ
ଉତାପେ ଜଳାଏ ପୃଥିବୀକୁ ପୁଣି
　　　　ଜଳଦାନେ ହରେ ସନ୍ତାପ ।

Digitized by srujanika@gmail.com

କିଏ ସେ ରଚିଲା ସୁନୀଳ ଆକାଶ
ସୂର୍ଯ୍ୟ, ଚନ୍ଦ୍ର, ତାରା, ପୂନେଇଁ, ଉଆଁସ
ଶସ୍ୟଶ୍ୟାମଳା କ୍ଷେତ ହସେ ପୁଣି
କାହିଁ ନିରିଜନ ମରୁଭୂଇଁ ।
କିଏ ସରଜିଲା ଜାତି ଜାତି ଜୀବ
ସେନେହ ମମତା ସମ୍ପର୍କର ଭାବ
ମନରେ ଭରିଲା କାହିଁ
ମିଳିମିଶି ଚଳିବାକୁ ଶିଖାଇଲା...
ବନ୍ଧୁ, ଭଉଣୀ, ଭାଇ ।
ଅମୃତର ସ୍ରଷ୍ଟା ଅଦୃଶ୍ୟ ଶକ୍ତିକୁ
ଇଚ୍ଛା ହୁଏ ମୋର ଥରେ ଦେଖିବାକୁ
ପଚାରନ୍ତି କଥାଟିଏ
ଏଡ଼େ ସୁନ୍ଦର ସରଜନା କରି...ହିଂସା, ବିବାଦ, ଛଳନା
ଭରିଦେଲା ପୁଣି କିଏ ?
ଅମୃତର କଥା ଲେଖିବାକୁ ଲେଖନୀ
ହାତେ ଧରାଇଲ କିବା ମନେ ଗୁଣି
ବନ୍ଧୁକ, ଛୁରୀ ଦେଲ ସେ ହାତରେ
ଭାଇ ବିନ୍ଧେ କରେ ଭାଇର ଛାତିରେ
ଏ କି ତୁମର ଅମୃତ ସୃଷ୍ଟି ?
ଫୁଲ ବଦଳରେ ହେଉଅଛି ଯହିଁ
(ନିତି) ହିଂସାର ଗୋଳାବୃଷ୍ଟି ।

Digitized by srujanika@gmail.com



ବରଷା ଅଟଇ ମଙ୍ଗଳକାରୀ



ବରଷାରାଣୀ କଳା ବଉଦକୁ ସାଥିରେ ଘେନି
ଧରା ବୁକୁରେ ଆସିଗଲାଣି
ତା' ସାଥିରେ ଆସିଛି ବିଜୁଳିନାନୀ
ଟୁପୁରୁ ଟୁପୁରୁ ଗୀତଟି ଗାଇ
ଝର ଝର ଝର ଝରି ପଡ଼ଇ
ଜଳଧାରା କେତେ ଯାଉଛି ବହି
ଶୀତଳ ହେଉଛି ତାତିଲା ମହୀ ।
ବେଙ୍ଗବେଙ୍ଗୁଲୀଏ ଖୁସି ମନରେ
ଗାଉଛନ୍ତି ଗୀତ କେଁ କଟରେ
ସାଧବବୋହୂଟି କି ଡରବରେ
ଧାଉଁଛି ଘାସର ଗାଲିଚା ପରେ... ।
ଜଳରେ ପୂରିବ ନଈ, ପୋଖରୀ
ଶୋଷ ମେଣ୍ଟାଇବ ଜୀବ ସବୁରି
ଫସଲରେ ଧରା ଉଠିବ ପୂରି
ବରଷା ଅଟଇ ମଙ୍ଗଳକାରୀ ।

Digitized by srujanika@gmail.com

ଜହ୍ନିଫୁଲ ଫୁଟିଲା

ଜହ୍ନିଫୁଲ ଫୁଟିଲା...କାକୁଡ଼ି ଫୁଲ ଫୁଟିଲା ।
ଧାରା ଶିରାବଣ ଝଡ଼ି ବରଷାରେ
ନଈନାଳ ସବୁ ପୂରିଲା ।
ବେଙ୍ଗୁଲିନାନୀ ଓଢ଼ଣା ଟାଣି
ସାରୁଗଛ ମୂଳେ ସାଜିଛି ରାଣୀ
ବାଇଦ ବଜେଇ ମେଘ-ପାଲିଙ୍କିରେ
ମେଘରାଜା ସାଥେ ବିଜୁଳିନାନୀ
ଧରାଟା ପରା ଦୁଲୁକିଲା.... ।
ଚଷାଭାଇର ଉଚ୍ଛନ୍ନ ମନ
କ୍ଷେତରେ ପରା ବୁଣିବ ଧାନ
ଜାତିଜାତିକା ଫସଲ ଫଳି
ଭୋକର ଦାଉ ଦେବଟି ଟାଳି
ଆନନ୍ଦେ ମନ ଉଲ୍ଲସିଲା.... ।

ଠାକୁରଙ୍କୁ କିଆଁ ଡାକିବା

ଠାକୁରଙ୍କୁ କିଆଁ ଡାକିବା
ଆମ ପାଖେ ଛନ୍ତି ଚଳନ୍ତି ଦେବତା
ମନ ଜାଣି ଫଳ ଦ୍ୟନ୍ତି ପିତାମାତା
ତାଙ୍କ ପୂଜାର୍ଚ୍ଚନା କରିବା ।

Digitized by srujanika@gmail.com

ମାଗନ୍ତିନି ସିଏ ବଡ଼ ଭୋଗ
କ୍ଷୀରି, ଖିରିସା
ଆମ ସ୍ନେହ ତାକେ ପୂରିଯାଏ
ତାଙ୍କରି ଆଶା ।
ଜୀବନକୁ ଆମ ଗଢ଼ିବା ପାଇଁକି
ଅଳି ଅଝଟକୁ ସବୁ ସେ ସହନ୍ତି
ସୁବୁଠୁ ନିଜର ବାପାମାଆ ଆମର
ମନ ଭରି ତାଙ୍କୁ ସେବିବା ।
ହାତ ଧରି ବାଟ କଢ଼େଇ ନିଅନ୍ତି
ଆମ ପଥେ ବାଧା ଏଡ଼ାଇ ଦିଅନ୍ତି
ପ୍ରତିଦାନେ କିଛି ମାଗନ୍ତି ନାହିଁ ସେ
ଆମ ସୁଖେ ମନେ ଖୁସି ଯେ ବରଷେ
ସିଏ ଆମ ସାହା ଆମେ ତ ଭରସା
ତାଙ୍କ ମନ ଜାଣି କାମ କରିବା ।

❖❖

ଆରେ ମେଘ ଆ

ଆରେ ମେଘ ଆ...
ତୁ ଆମ ଗାଆଁକୁ ଆ...
ଟୁପୁରୁ ଟୁପୁରୁ ଗୀତ ଗାଇ ଗାଇ
ମେଘ ବରଷି ଯା'.... ।
ଆମ ଗାଆଁରେ ତୋଟା ତ ଅଛି
ଗଡ଼ିଆ, ବିଲ ଶୁଖିଯାଇଛି

Digitized by srujanika@gmail.com

ଗଛରେ ନାହିଁ ପତରଟିଏ
ନଈରେ ନାହିଁ ପାଣି ଟୋପାଏ
ଆମେ ତ ସବୁ ଶୋଷିଲା ଅଛୁ
ତୁ ଜଳ ଟୋପେ ଦେଇଯା'... ।
ଆକାଶେ ଭାସୁ କଳାବଉଦ
ବୁଝୁନା ଟିକେ ଆମ ଦରଦ
ତୋ'ବାଟ ଆମେ ଚାହିଁଛୁ ବସି
ସରଗୁ କେବେ ପଡ଼ିବୁ ଖସି
କୁଅ, ପୋଖରୀ ଯିବଟି ଭରି
ନଈରେ ଭାସିବ ନାଆ... ।

(ପ୍ରଜାତନ୍ତ୍ର, ମୀନାବଜାର)

କାହା ସାଥିରେ କିଏ

ଟପ୍ ଟପ୍ ଟପ୍ ବରଷା ଝଡ଼ି
ଆଣରେ ବାଦାମ ଆଣରେ ମୁଢ଼ି
ବରଷା ପାଗକୁ ଭାରି ବଢ଼ିଆ
ମୁଢ଼ି ସାଥେ ଯଦି ଥାଏ ନଡ଼ିଆ ।

ଠକ୍ ଠକ୍ ଠକ୍ ଥରାଏ ଶୀତ
ଗରମ ଡାଲିକୁ ଗରମ ଭାତ
ରେଜେଇ, କମ୍ବଳ, ସୁଇଟର
ହୋଇଥାଏ ସିନା ଦରକାର ।

Digitized by srujanika@gmail.com

ଟାଇଁ ଟାଇଁ ଟାଣୁଆ ଖରା
ଥଣ୍ଡା ସରବତ, ଛତା ଆସରା
ପଖାଳ ଭାତକୁ ବଡ଼ିଚୁରା
ଆମ୍ବୁଲ ଖାଇ ମାର ଟାକରା ।

✤✤

ସରଗଶଶୀ

ସରଗଶଶୀ ପଡ଼େକି ଖସି
ହାତରେ ଆସି କୁହ
କାହିଁକି ମିଛେ ତା'ପାଇଁ ତୁମେ
ଗଡ଼ାଅ ବସି ଲୁହ ।
ମାମୁଁ ତ ସିଏ ନୁହେଁରେ ନୁହେଁ
ସେ ଏକ ଉପଗ୍ରହ
ଦୂରରେ ଥାଇ ତୋଫା ଆଲୁଏ
ଦେଖାଏ ତାର ମୁହଁ ।
ନାହିଁ ତ ସେଠି ଜଳ କି ବାୟୁ
ଝରଣା, ନଈ ସୁଅ
ଜହ୍ନ ରାଇଜେ କରିବା ଘର
ମିଛ ତ ଜମା ନୁହଁ ।

✤✤

Digitized by srujanika@gmail.com

ଚାଚା' ନେହେରୁ

ଗୋଲାପ ଫୁଲେ ତା ଭାରି ଆଦର
ଫୁଲ ଭଳି ତାର ମନ କୋମଳ
ଶିଶୁଙ୍କୁ କରଇ ଭାରି ଆଦର
ଚାଚା' ନେହେରୁ ସିଏ ତ ଆମର ।

ଭାରତମାତାର କୋଳେ ଜନମି
ଧନ୍ୟ କରିଗଲେ ଜନମଭୂମି
ସ୍ୱାଧୀନତା ରଣେ ସିପାହୀ ସାଜି
ସତ୍ୟ, ଅହିଂସାରେ ଉଠିଲେ ମାତି
ସ୍ୱାଧୀନ ହୋଇଲା ଦେଶ ଆମର
ହେଲେ ସେ ଦେଶର କର୍ଣ୍ଣଧାର ।

ତାଙ୍କ ଆଦରଶ ତାଙ୍କ କରମ
ହୋଇବ ଆମର ଜୀବନଧର୍ମ
ବାଧା, ବିପଦକୁ କେବେ ନ ଡରି
ଦେଶ ଜନନୀର ସେବାଟି କରି
ତାଙ୍କ ପରି ହେବା ଆମେ ଅମର
ଆସରେ ଆଜି ଏଇ ଶପଥ କର ।

"ଶିଶୁ ହସିଲେ ଦୁନିଆଁ ହସେ
ସାରା ଜଗତରେ ଖୁସି ବରଷେ"

Digitized by srujanika@gmail.com

ଏଇ କଥା ଥିଲେ ଚାଚା' ତ କହି
ଭୁଲିବା ନାହିଁ ଆମେ ଭୁଲିବା ନାହିଁ
ତୁମ ପରି ହେଉ ମନ ଆମର
ଚାଚା' ହେ ଆମକୁ ଆଶିଷ କର ।

✣✣

ଆସରେ ଆସ

ଆସରେ ଆସ ପିଲାଏ ଆସ
ଖେଳିବା ଆମେ ଖେଳ
ସାଙ୍ଗ ସରିସା ହୋଇ ଖେଳିବା
କରିବା ନାହିଁ ଗୋଳ ।
ତୋ' ନାଆଁଟି ରାଜାରେ
ମୋ' ନାଆଁଟି ରାଣୀ
ତୋର ମୋର ନାଚିବା...
ତାକ୍ ଧିନା ଧିନ୍ ଧିନ୍ ।
ତୋ' ନାଆଁଟି ଚୁନି ଲୋ
ମୋ' ନାଆଁଟି କୁନା
ଆଜିଠୁ ସଙ୍ଗାତ ବସିବା ଆମେ
କଳି କରନା ଜମା
ଧୂଳିରେ ଆମେ ରାନ୍ଧିବା ଭାତ
ଘାସର ତରକାରୀ
ବେସର ଦେଇ ରାଇ କରିବା
ସୁଆଦ ତାର ଭାରି ।
ବାଲିରେ ଆସ ତୋଳିବା ଘର
ଆଙ୍କିବା କେତେ ଛବି

Digitized by srujanika@gmail.com

ତୋ କଣ୍ଢେଇ ସାଥିରେ...
ମୋ' କଣ୍ଢେଇକୁ ବାହାଦେବି
ଆଜିଠୁ ହେଲେ ବନ୍ଧୁ ଆମେ
ନାହିଁ କାହାକୁ ଡର
ହାତରେ ହାତ ମିଳାଇଥିବା
ଆସୁ ବିପଦ, ଝଡ଼ ।



ଆଇଲାରେ

ଆଇଲାରେ...କାଳିଆ ଘୋଡ଼ା ଆଇଲାରେ
ଟପ୍ ଟପ୍ ଟପ୍ ଶବଦ ଶୁଭେ
କୁନା ଘୋଡ଼ା ଚଢ଼ିବାକୁ ଧାଇଁଲାରେ ।
ଆଇଲାରେ...ସାଇକେଲଟିଏ ଆଇଲାରେ
ସରର୍ ସରର୍ ଚାଲଇ ସିଏ
କୁନା ତ ଖୁସିରେ ଡେଇଁଲାରେ... ।
ଆଇଲାରେ...ମଟରଗାଡ଼ିଟା ଆଇଲାରେ
ପେଁ ପେଁ ପେଁ ଶବଦ ଶୁଣି
କୁନା ମାମୁଁଘର ଯିବ କହିଲାରେ ।
ଆଇଲାରେ....ଉଡ଼ାଜାହାଜ ଆଇଲାରେ
ଭୁଉଁ ଭୁଉଁ ଶବଦ ଶୁଣି
କୁନା ତାଳିମାରି ନାଚିଲାରେ... ।
ଆଇଲାରେ...ରେଳଗାଡ଼ିଟିଏ ଆଇଲାରେ
ଛୁକୁ ଛୁକୁ ଛୁକୁ ଶବଦ କରଇ
କୁନା ଆଖିମେଲି ତାକୁ ଚାହିଁଲାରେ... ।

Digitized by srujanika@gmail.com



ତୋ'ପରି ମୁଁ ହେବି

ସୂର୍ଯ୍ୟରେ ସୂର୍ଯ୍ୟ ତୁ ଆଲୋକ ଦେଉଛୁ
ତୋ'ପରିକା ମୁଁ ହେବି
ନିଜେ ଜଳି ଜଳି ଆଲୋକ ଢାଳି
ଅନ୍ଧାର ଘୁଞ୍ଚାଇ ଦେବି ।
ପବନ ପବନ ତୁ ଦିନରାତି ବହୁ
ତୋ'ପରିକା ମୁଁ ହେବି
ବିଲ, ବନ, ଭୂଇଁ ଯିବି ଛୁଇଁ ଛୁଇଁ
ଶୀତଳତା ଭରିଦେବି
ମେଘରେ ମେଘ ଜଳ ତୁ ଦେଉଛୁ
ତୋ'ପରିକା ମୁଁ ହେବି
ନଈ, ପୋଖରୀରେ ଜଳ ଭରି ଦେଇ
ଜଗତ ହିତ ସାଧିବି ।
ଫୁଲରେ ଫୁଲ ସୁବାସ ବିତରୁ
ତୋ'ପରିକା ମୁଁ ହେବି
ଆଜି ଫୁଟି କାଲି ଝରିଗଲେ ବି
ସବୁରି ମନରେ ଥିବି
ନଈରେ ନଈ ଯାଉ ବହି ବହି
ତୋ'ପରିକା ମୁଁ ହେବି
ବାଧା, ବିପଦକୁ ନ ଡରି କେବେ
କର୍ମପଥେ ଚାଲୁଥିବି । ✤✤

Digitized by srujanika@gmail.com



ଫୁଲକୋବି...ବନ୍ଧାକୋବି



ଫୁଲକୋବି, ବନ୍ଧାକୋବି, ଟମାଟର, ଗାଜର
ମୋ କୁନି ଭାଇକୁ ଆଜି....କରିଛି କେ ନଜର]
କାନ୍ଦୁଛି ସେ କଇଁ କଇଁ.....କଥା କା'ର ଶୁଣୁନାହିଁ
କହଲୋ ଫୁଲେଇ ଆଳୁ....ଜାଣିଚୁ କି ଖବର ।
ମୁହଁଟାକୁ ମୋଡ଼ିଦେଇ ଆଳୁ ଧୀରେ କହିଲା
ଶୁଣ ଅପା କଲରାଟା...ଅଟେ ଭାରି ଚଗଲା ।
କହିଲା କୁନାକୁ ଆଳୁ ସାଥେ ମିତ ବସନା
ଏତେ ଆଉ ମନ ଦେଇ ତାକୁ ଭଲ ପାଅନା ।
ସବୁ ରୋଗର ସେ ଘର...କହୁଛନ୍ତି ଡାକତର
ମୋ ସାଥିରେ ସାଙ୍ଗ ହେଲେ...ଲାଭ ଅଛି ତୁମର ।
କଲରା, କାକୁଡ଼ି, ବାଇଗଣ, ଭେଣ୍ଡି, ଶାଗ, ପରିବା
ଆମ କାମ ମଣିଷର ସ୍ୱାସ୍ଥ୍ୟରକ୍ଷା କରିବା ।
ରୋଗ ଯିବ ଦୂରେ ତୁମ...ଆମ ସାଥୀ ହୋଇଲେ
ହସୁଥିବ ସବୁଦିନ.....ସାଙ୍ଗସାଥୀ ମେଳରେ ।
ଆମେ ତୁମ ହିତକାରୀ ଅପାକୁ ଥରେ ପଚାର
ଆଳୁ କଥାରେ ଭୁଲନା...ଖାଲି ଦେଖା ସୁନ୍ଦର ।
ଆଳୁ କଥା ଶୁଣି ଅପା....ହସିଦେଲେ ମୁରୁକି
କୋଳେଇ ନେଲେ କୁନାକୁ...ଲୁହ ପୋଛି ଦେଇକି ।
କହିଲେ, "ମୋ' ସୁନାଭାଇ...କଲରା ତ ସତ କହୁଛି
ମିଛଟାରେ ରୁଷି କିଆଁ...ଭାଇ ମୋର କାନ୍ଦୁଛି ।

Digitized by srujanika@gmail.com

ପରଖି ନେ ସତ, ମିଛ ସାଥୀ ହୋଇ ତାହାର
ମୋ'ସୁନାଫୁଲ ତୁ ଟିକିତାରା...ଆମ ଘରର ।"

✣✣



ସୁନାଭାଇ

ଅତି ଆଦରର ସୁନାଭାଇ ମୋର
ରାକ୍ଷୀ ବାନ୍ଧିଲି ତୋ'ହାତେ
ସୁଖରେ ଦୁଃଖରେ ପାଶେ ପାଶେ ଥିବୁ
ତୋ'ସ୍ନେହେ ବାନ୍ଧିବୁ ମତେ ।
ତୁ ଥିଲେ ପାଶେ ମୋର
ଡର କାହାକୁ ମୋ ଭୟ କାହାକୁ
ଆସୁ ଝଡ଼ଝଞ୍ଜା ବାଧା କି ବନ୍ଧନ
ହୋଇବୁ ତୁ ସାହା ଭଉଣୀକୁ ।
ତୋ'ପାଇଁ ହସିବି ତୋ ପାଇଁ କାନ୍ଦିବି
ତୋ'ପାଇଁ ଆଣିବି ସୁଖ ମୁଁ ଯେତେ ।
କାଳିଆ ବଳିଆ ଭାଇଙ୍କର ପରା
ସୁଭଦ୍ରା ଭଉଣୀ ସବୁଠୁ ଗେହ୍ଲା
ଦଣ୍ଡେ ନ ଦିଅନ୍ତି ପାଶରୁ ଦୂରେଇ
ଏମିତି ସ୍ନେହ ଦେଖିଛି କେ ଭଲା
ତୁ ସେମିତି ଭାଇ କାଳିଆ ପରିକା
ଛାଇ ପରି ରହିଥିବୁଟି ସତେ ।

✣✣

Digitized by srujanika@gmail.com

ଆ....ସୁନାଫୁଲ

ଆ ! ସୁନାଫୁଲ ବଣକୁ ଯିବା
ପାଚିଲା ପାଚିଲା କୋଳି ଖାଇବା
ଝରଣାରୁ ମିଠା ପାଣି ପିଇବା
ବର ଓହଳରେ ଦୋଳି ଖେଳିବା ।

ବାଘମାମୁଁ ଘର ବୁଲି ଦେଖିବା
ମିରିଗ ସାଥିରେ ନାଚ କରିବା
ବନଫୁଲ ତୋଳି ମାଳା ଗୁନ୍ଥିବା
ଚଢ଼େଇ ସାଥିରେ ଗୀତ ଗାଇବା ।

ପଶୁପକ୍ଷୀଙ୍କର ଭାଷା ବୁଝିବା
ଜଙ୍ଗଲ ସାଥିରେ ମିତ ବସିବା
ପରିବେଶ ରଖି ସଫା, ସୁନ୍ଦର
ଜଙ୍ଗଲ କରୁଛି ହିତ ଆମର ।

ଜୀବଜଗତର ଜୀବନ ଅଟେ
ତା'ବିନା ପୃଥିବୀ ଧ୍ୱଂସ ପାଲଟେ
ଏଇ କଥାଟିକୁ ମନେ ରଖିବା
ଜଙ୍ଗଲ ସୁରକ୍ଷା ଆମେ କରିବା ।

Digitized by srujanika@gmail.com

ଚିତିରି ମିତିରି....ପରଜାପତି

ଚିତିରି ମିତିରି ପରଜାପତି
କୁତୁରୁ କୁତୁରୁ କାଳିଆହାତୀ
ଏଇ ବାଟେ ଗଲା ଦେଖରେ ଦେଖ
ଧରି ଆଣି ତାକୁ ପାଖରେ ରଖ ।
ଝୁମରୁ ଝୁମୁରୁ ଝୁମୁକାବାଲା
ଗୋଟେ ଝୁମୁକାକୁ କେତେ ସେ ନେଲା ?
କୁନି ପାଇଁ ଗୋଟେ ଆଣରେ କିଣି
ନ ହେଲେ ସେ ଦେବ ଆମକୁ ଝୁଣି ।
କୁଟୁରୁ କୁଟୁରୁ ଟୁଉକୁମୂଷି
କୁଟୁ କୁଟୁ କାଟେ ବହିକୁ ବସି
ବିଲେଇନାନୀକୁ ଆଣରେ ଡାକି
ତାକୁ ଦେଖି ମୂଷା ଯିବରେ ଲୁଚି ।
ଝୁପୁରୁ ଝୁପୁରୁ ମେଘ ବରଷା
ମାଟିକୁ କରିବ ଭାରି ସରସା
ସାରୁ ଗଛ ମୂଳେ ବେଙ୍ଗୁଲିନାନୀ
ହୁଳୁହୁଳି ଦେବ ଓଢ଼ଣା ଟାଣି

(ଶୁଆଶାରୀ)

Digitized by srujanika@gmail.com

ଫଗୁଣ ଆସିଲା

ଝରା ବଉଳର ମହ ମହ ବାସେ
ଧରାକୁ ଫଗୁଣ ଆସିଲା
ପତର ଗହଳେ କୁହୁକୁହୁ ସୁରେ
କୋଇଲି ମଧୁରେ ଗାଇଲା ।
ଜାତି ଜାତି ଫୁଲ ବାସକୁ ଚୋରେଇ
ମଳୟ ପବନ ବହିଲା
ଗୁଣୁଗୁଣୁ ଗାଇ ଫୁଲେ ଫୁଲେ ଉଡ଼ି
ଭଅଁର ତ ମଧୁ ଚାଖିଲା ।
ଦୋଳଯାତରା ପାଇଁକି ପରା
ବିମାନ ସଜ ହୋଇଲା
ରାଧାକୃଷ୍ଣଙ୍କର ଲୀଳା ଦେଖିବାକୁ
ସୁଖର ପସରା ମେଲିଲା ।
ରଙ୍ଗ ବୋଳାବୋଳି ଖେଳିବାକୁ ହୋଳି
ମନଟା ଉଛନ୍ନ ହୋଇଲା
ଋତୁଙ୍କର ରାଜା ହସଖୁସି ଭରି
ଧରାକୁ ସରଗ କରିଲା ।

Digitized by srujanika@gmail.com

ପାଠର ମଜା

ଅ, ଆ, ଇ, ଈ...ଅଜା କହିଲେ ଆଈକୁ
ବୁଢ଼ୀଲୋ ! ଆ ପଢ଼ିବୁ ଅ, ଆ, ଇ, ଈ ।
ଆଈ କହିଲେ ଲାଜ ନାହିଁକି ତୁମକୁ
କି କଥା କହୁଛ ଛିଇ, ଛିଇ, ଛିଇ... ।
ବୁଢ଼ାଟେ ହେଲଣି ଏତିକି ଜାଣିନ
ନାହିଁକି ତୁମକୁ ଲାଜ କି ସରମ
ଛତୁଉଠା କାଠ ଆଉ ନିଶ ଉଠା ପାଠ
ଏ ବୟସେ କରୁଛ ପିଲାଙ୍କ ଭଳି ନାଟ ।
ଅଜା କହିଲେ ପାଠର ମଜା କାହୁଁ ଜାଣିବୁ
ପଢ଼ିଲେ ସିନା ପାଠର ମହିମା ତୁ ବୁଝିବୁ
ଟିପଚିହ୍ନ ନେଇ ଠକିବେନି କେହି
ଠିକ୍‌ଭୁଲ୍ ସବୁ ପାରିବୁ ତୁ କହି ।
ନିଜ ହାତେ ନିଜେ ଚିଠି ଲେଖିବୁ
ନାତି ନାତୁଣୀଙ୍କ ଖବର ଜାଣିବୁ
ଦେଶବିଦେଶର କଥାକୁ ପଢ଼ି
ଆନନ୍ଦରେ ହସୁଥିବୁ ଲୋ ବୁଢ଼ୀ ।
କହିବେନି କେହି ମୂରୁଖ ତତେ
ସବୁଠି ଆଦର ପାଇବୁ କେତେ
ପାଠ ପଢ଼ିବାର ନାହିଁ ବୟସ
ମରିବା ଯାଏଁ ବି ହୁଏନା ଶେଷ ।

Digitized by srujanika@gmail.com

ଅଜାଙ୍କ କଥାକୁ ଶୁଣିଲେ ଆଈ
ଅଣ୍ଟା ଭିଡ଼ିଲେ ପାଠ ପଢ଼ିବା ପାଇଁ
ଚଷମାଟେ ଆଈ ଆଖିରେ ଦେଇ
କି ଦିନ କି ରାତି ପଢ଼ନ୍ତି ବହି
ପାଇଗଲେ ଆଈ ପାଠର ମଜା
ମୁରୁକି ମୁରୁକି ହସନ୍ତି ଅଜା ।

(ବିକାଶ ବାର୍ତ୍ତା)

ନଈ

ନଈରେ ନଈ ଯାଉ ତୁ ବହି
ବଣ, ପରବତ, ପାହାଡ଼ ଡେଇଁ ।
ପଛକୁ କେବେ ଫେରୁନା ତୁହି
ଆଗକୁ ଆଗକୁ ଯାଉ ତୁ ଧାଇଁ.... ।
ନାହିଁ ତୋର ଡର ଆସୁରେ ବାଧା
ବହିବା ଧରମ ପାଳୁ ତୁ ସଦା ।
କୁଳୁ କୁଳୁ କୁଳୁ ଗୀତକୁ ଗାଇ
ସବୁରି କାନରେ ଯାଉଛୁ କହି.... ।
ଦୁଃଖକୁ ଜୀବନେ ନ ଡରି ସଦା
କରମରେ ରଖିଥାଅ ଶରଧା
ବାଧା, ବିପତ୍ତି ଦୂରେଇଯିବ
ସୁଖ, ସମ୍ପତ୍ତି ସବୁ ମିଳିବ ।

Digitized by srujanika@gmail.com

ଦୁଃଖକୁ ଡରି ଯେ ମୁହଁ ଫେରାଏ
ସୁଖର ମଜା ସେ କେବେ ନ ପାଏ ।
ତୋ'ପରି ମୁଁ କରମ କରିବି
ଜୀବନପଥେ ଆଗେଇଯିବି ।

(ପାଠାଗାର ଆନ୍ଦୋଳନ)

ଦୂର

ଦୂର ପାହାଡ଼ ସୁନ୍ଦର ଦିଶେ
ଦୂର ଆକାଶେ ଜହ୍ନ
ଦୂରରେ ଥାଇ ଜଗାବଳିଆ
ବୁଝନ୍ତି ଆମ ମନ ।
ଦୂର ଗାଆଁଟି ଲାଗଇ ଭଲ
ଦୂର ବନ୍ଧୁକୁ ଆଦର
ଦୂର ଜାଗାଟି ଦେଖିବା ପାଇଁ
ସଭିଙ୍କ ମନ ଉଚ୍ଛନ୍ନ ।
ଦୂରରେ ଥିଲେ ବଢ଼ଇ ସ୍ନେହ
ପରାଣ ଝୁରେ ନିତି
ଦୂରରେ ଥାଇ ଧଳା ଆଲୁଅ
ଢାଳେ ସୂରୁଯ ନିତି ।
ଦୂରରେ ନିଆଁ ଲାଗିଲେ ପରା
ଧୂଆଁ ଦିଶଇ ପାଖେ
ଦୂର ବନରେ ଫୁଟିଲେ ଫୁଲ
ବାସ ଛୁଟଇ ଆପେ ।

('ମୀନାବଜାର' ପ୍ରଜାତନ୍ତ୍ରରେ ପ୍ରକାଶିତ)

Digitized by srujanika@gmail.com



ଟିକ୍ ଟିକ୍...

ଟିକ୍ ଟିକ୍ ଟିକ୍ ଟିକ୍
ଟିକ୍ ଟିକ୍ ଟିକ୍ ଟିକ୍ ଘଣ୍ଟା ଚାଲେ
ଘଣ୍ଟା କଣ୍ଟା କହୁଚି
ବେଳ ଦେଖି କାମ କର
ସମୟ ତ ଗଡ଼ି ଯାଉଚି ।
ଆଜିର କାମ ଏବେ କର
କାଲିକୁ କିଛି ରଖନା ବାକି
ସମୟ ସାଥେ ପାଦ ମିଳେଇ
ଆଗେଇ ଚାଲ ପଡ଼ନା ଥକି ।
ସମୟର ମୂଲ ବୁଝେନା ଯିଏ
ଜୀବନସାରା ଦୁଃଖ ପାଇଚି ସିଏ ... ।
ସମୟର ମୂଲ ବୁଝଇ ଯିଏ
ସବୁଠି ଆଦର ସିଏ ତ ପାଏ ।
ହାରିଯାଏ ନାହିଁ ଡରିଯାଏ ନାହିଁ
ଆସେ ଯେତେ ବାଧା, ଝଡ଼, ବିପତ୍ତି... ।

Digitized by srujanika@gmail.com

ହାତୀ ନେ...ଘୋଡ଼ା ନେ...

ହାତୀ...ନେ ଘୋଡ଼ା ନେ
ମୋ ପେଁକାଳି ବଜାଇ ଦେ ।
ମୋ ପେଁକାଳି ବାଜିଲା
କାଳିଆ ଘୋଡ଼ା ସାଜିଲା ।
କାଳିଆ ଘୋଡ଼ାରେ ଚଢ଼ିବି
ଦେଶ ପାଇଁ ମୁହିଁ ଲଢ଼ିବି ।
ଅକଲ ମକଲ ଟକଲ ଟିଆଁ
ବୁଦ୍ଧିର ବଳେ ଜିଣ ଦୁନିଆଁ ।
ବୁଦ୍ଧି ଥିଲେ ଭାଇ ଆସେ ସାହସ
ସାହସର ବଳେ ମିଳେଟି ଯଶ ।
ଚକ ଯାଏ ଗଡ଼ି ଗଡ଼ି
ଚାଟଶାଳୀ ଯିବା ପାଠ ପଢ଼ି ।
ପାଠ ପଢ଼ି ହେବା ଜଗତଜିତା
ପାଠ ବିନା ସିନା ଜୀବନ ପିତା ।

(ଶୈଶବ)

ଜଳ

ଜଳ ବିନା ଏ ପୃଥିବୀ ମରୁ ପାଲଟିବ
ଜଳ ବିନା ଜୀବ ଦଣ୍ଡେ ଜିଇଁ ନ ପାରିବ ।

Digitized by srujanika@gmail.com

କଠିନ, ତରଳ ଆଉ ଗ୍ୟାସୀୟ
ତିନି ରୂପେ ପ୍ରକୃତିରେ ଜଳର ସଂଚୟ ।

ନିତିଦିନ କାର୍ଯ୍ୟ ପୁଣି ଶିଳ୍ପ, ନୌବାଣିଜ୍ୟ
ଜଳ ବିନା କରିବାଟା ନୁହଁଇ ସହଜ ।

ରଙ୍ଗହୀନ, ଗନ୍ଧହୀନ ପୁଣି ସ୍ୱାଦହୀନ
ବିଶୁଦ୍ଧ ଜଳ ଲକ୍ଷଣ ଯା'ନାମ ଜୀବନ ।

କେତେ ଗଛଲତା କେତେ ପ୍ରାଣୀ
ଜଳେ ତାଙ୍କ ବାସସ୍ଥାନ ତା'ବିନା ଜୀବନହାନି ।

ଉଦ୍ଭିଦର ପରାଗ ସଙ୍ଗମ, ବୀଜବିକ୍ଷେପରେ
ଜଳ ସିନା ଅକାତରେ ସହାୟତା କରେ ।

ଆଲୋକ ଉତ୍ତାପ ଜଳ ବିଦ୍ୟୁତରୁ ଜାତ
ଯା'ବିନା ମଣିଷ କେବେ ରହି ନ ପାରେ ତ ।

ଖାଦ୍ୟ ବିନା ଜୀବ ସିନା ଦେହ ଧରିପାରେ
ଜଳ ବିନା ଜୀବ କେବେ ରହି ତ ନ ପାରେ ।

ଆଜିର ମଣିଷ ସତେ ହୋଇ ଅବିବେକୀ
ଜଳ ସଂପଦକୁ ନିତି ନଷ୍ଟ କରୁଅଛି ।

ଆସ ଆଜି ଆମେ ସବୁ ଶପଥ କରିବା
ଜଳସଂପଦକୁ ଯତ୍ନେ ସାଇତି ରଖିବା ।

ଯତ୍ନ କଲେ ଆମେ ସିନା ପାଇବା ସୁଫଳ
କେତେ ଦରକାରୀ ଆମ ପାଇଁ ଏହି ଜଳ ।

Digitized by srujanika@gmail.com



ସ୍ୱାଗତ ନୂଆ ବରଷ

ନୂଆ ବରଷ ନୂଆ ବରଷ ହସିହସିକା ଆସ
ସୁଖ, ଶାନ୍ତି ଭରିଯାଉ ଏ ସାରା ବରଷ ।
ସବୁରି ଓଠେ ହସର ଫୁଲ ନିଇତି ଝରୁଥାଉ
ସ୍ନେହ, ଶରଧା, ବନ୍ଧୁପଣିଆ ମନରେ ରହିଥାଉ ।

ହିଂସା, ରାଗ, ଅଭିମାନ ସଭିଏଁ ଯାଇ ଭୁଲି
କହିବା ଆମେ ସଭିଏଁ ଏକ ଦୁନିଆଁ ସାରା ବୁଲି ।
ନୂଆବରଷ ଆଣିଛି ସାଥେ କେତେ ନୂଆ ସପନ
ସପନ ସବୁ ସତ କରିବା ମନରେ ମିଶାଇ ମନ ।

ଯୁଦ୍ଧ ଭୟ, ଆତଙ୍କବାଦ କରିବା ଦେଶୁ ଦୂର
ଶାନ୍ତି, ମୈତ୍ରୀର ନଈ ବହିବ ଭରିବ ହସ ଲୁଆର ।
ଏଇ ଧରାରେ ଗଢ଼ିବା ସ୍ୱର୍ଗ କହୁଛି ନୂଆ ଦିନ
ନୂଆ ଦିନର ନୂଆ ବରଷ ଏ ଅଟେ ଆମ ପଣ ।

ନୂଆ ବରଷ, ନୂଆ ପରଷ ଆମକୁ କର ଆଶିଷ
ଆମେ ରଖିବୁ ଆମରି କଥା ଦେଖିବ ଆର ବରଷ ।

(ପାଠାଗାର ସନ୍ଦେଶ)

Digitized by srujanika@gmail.com

ମାଆ

ମାଆ ଲୋ ମାଆ ତୁ ଏକା ସାହା ସୁଖ, ଦୁଃଖ, ବିପଦରେ
ତୋ'ଠାରୁ ବଡ଼ ନାହିଁ କେ ଆଉ ଏ ସାରା ଜଗତରେ
ଜନମ ହୋଇ ତୋ'କୋଳେ ଯେବେ...ଡାକିଲି କୁଆଁ କୁଆଁ
ସରାଗେ ମତେ କହିଲୁ ଧନ...ଆ ମୋ'କୋଳକୁ ଆ... ।
ଦରୋଟି କଣ୍ଠେ ସେଦିନ ମୁହିଁ...କହିଲି ପ୍ରଥମେ କଥା
ସେଦିନ ଖାଲି କଅଁଳ ସୁରେ...ଡାକିଲି ମା' ମୋ ମାଆ ।
ତୁ ତ ମୋର ପ୍ରଥମ ଗୁରୁ...ଶିଖାଇଲୁ ଭଲମନ୍ଦ
ଦୁନିଆଁ ବାଟେ ତୋ'ହାତ ଧରି...ଶିଖିଲି ଚାଲିବା ଛନ୍ଦ ।
ମୋ ଅଝଟପଣ, ରାଗରୁଷାକୁ.....ସବୁ ତୁ ଯାଉଛୁ ସହି
ମୋ ଧନମାଳି, ଦୁଃଖୀଶଙ୍ଖାଳି...ଦୁଃଖ ପାଶୋରା ମୋ କହି ।
ତୋ ପାଖେ ଥିଲେ ସରଗସୁଖ...ଲୋଡ଼ା ନାହିଁ ମୋର କିଛି
ମମତାମୟୀ ମାଆଲୋ ମୋର...ତୁ ତ ମୋର ସବୁ କିଛି ।
ଜୀବନସାରା ତୋ କଥା ମାନି...ଚାଲିବି କରମ ପଥେ
ଆସୁ ବିପଦ, ଆସୁ ସଂପଦ...ଲୟ ଥିବ ତୋର ପାଦେ ।
ତୋ ଆଖି ଲୁହ ପୋଛିଦେବି ମୁଁ...କରୁଛି ଶପଥ ଆଜି
ଯେଉଁଠି ଥିଲେ ଯେତେ ଦୂରରେ...ତୋ ସ୍ନେହକୁ ହେବି ଭଜି ।
ମନ୍ଦିରେ କିଆଁ ଯିବି ମୁଁ କହ...ତୁ ମୋ ସେନେହମୟୀ ଦେବୀ
ଆଶିଷ ତୋର ଥିଲେ ମୋ ପାଶେ...କାହାକୁ କିଆଁ ଡରିବି ।
ଭଲ ମଣିଷ ହୋଇ ସଂସାରେ...ରଖିବି ତୋର ନାଆଁ
କହିବି ସାରା ଦୁନିଆଁକୁ ମୁଁ...ଏଇ ତ ମୋର ମାଆ ।

Digitized by srujanika@gmail.com

ଯେ ଦେଶେ ଗଙ୍ଗା

ଯେ ଦେଶେ ଗଙ୍ଗା ଯାଉଛି ବହି
ବହେ ଶାନ୍ତିର ବାଆ
ସେଇ ଦେଶରେ ଆମରି ଘର
ଭାରତ ତାର ନାଆଁ... ।
ବୀର ଏଇ ମାଟି ବୀର ଏଇ ଜାତି
ବୀର ଏ ଦେଶ କାହାଣୀ
ଏଇ ଦେଶର ପଲ୍ଲୀପୁରେ ଶୁଭେ
ଅହିଂସାର ଶଙ୍ଖଧ୍ୱନି
ଭାଇ ଭାଇର ମମତା ବନ୍ଧନେ...ଚାଲେ ମଇତ୍ରୀର ନାଆଁ... ।
ଜନମ ମାଟିର ସମ୍ମାନ ପାଇଁକି
ଆମେରେ ଜାଗ୍ରତ ପ୍ରହରୀ
ଏଇ ଦେଶର ପ୍ରଗତି ପାଇଁକି
ଆମେ ଶପଥ ନେଇଛୁ ବରି
ପ୍ରାଣ ଦେବୁ ପଛେ ହାରିଯିବୁ ନାହିଁ...ଏ ଆମ ଏକତାର ଗାହା... ।

✣✣

ଆ ଜହ୍ନମାମୁଁ

ଆ ଜହ୍ନମାମୁଁ ଶରଦଶଶୀ
ଖେଳିବୁ ମୋ ସାଥେ ଟୁଉକୁମୂଷି ।
ମାଆ କିଣିଦେବେ ସୁନାକୁଲେଇ
ବାପା ନେବେ କେତେ ଯାତ ବୁଲେଇ ।

Digitized by srujanika@gmail.com

ଢେଙ୍କେମା ଖୋଲିବେ କାହାଣୀ ପେଡ଼ି
ନଡ଼ିଆ ସାଥିରେ ଖାଇବା ମୁଢ଼ି ।
ମାଇଁ କାଖ କରି ଗାଇବେ ଗୀତ
ସରଗ ଭୁବନ ଭୁଲିବୁ ତୁ ତ ।
ଶୋଇବା ରାତିରେ ମାଆଙ୍କ କୋଳେ
ଡର କି ଭୟ ନ ଥିବ ତିଳେ ।

✣✣

ବଗୁଲା ଓ ବଗୁଲୀ

ବଗୁଲା ଆଉ ବଗୁଲୀ
ପୋଖରୀ କୂଳରେ ଘର କରିଥିଲେ
ଝିଅ ନାଆଁ ତାଙ୍କ ଚଗଲୀ ।

ଚଗଲୀ ଖେଳେ ଢେଉର ତାଳେ
ଥିରି ଥିରି ପାଦ ହଲେଇ
ବାପା ଯାଇଥାଏ ଆହାର ପାଇଁକି
ମାଆ ଲାଗିଥାନ୍ତି ଘର ସଜେଇ ।

ଚଗଲୀ ଭାବିଲା ଟିକି ଥରେ ମୋର
ଧରିବି ଗୋଟିଏ ଛୋଟିଆ ମାଛ
ମାଆକୁ ଦେବି କହିବେ ମାଆ
ଚଗଲୀ ମୋର ଭାରି ଚାଲାକ

Digitized by srujanika@gmail.com

ମାଛ ଭାବି ସେ ଧରିଲା ଯେବେ
କଙ୍କଡ଼ା ଗୋଟିଏ ଥଣ୍ଟରେ ତା'ର
କଙ୍କଡ଼ାଟି ଦେଲା ତା'ଗୋଡ଼କୁ କାଟି
ଚଗଲୀ କାନ୍ଦିଲା ଲମ୍ୱାଇ ସ୍ୱର ।
ସେ ଦିନୁ ଚଗଲୀ ମାଛ ଧରିବାକୁ
କେବେ ବି ଆଉ କରେନା ମନ
ପୋଖରୀ କୂଳରେ ବସି ଦେଖୁଥାଏ
ଜଳରେ ଖେଳନ୍ତି ଆନନ୍ଦେ ମୀନ ।

ରାକ୍ଷୀ

ଆ' କହିଲେ ଆସିବୁ ଧାଇଁ
ପାଖକୁ ମୋର ହସି
ମୁଁ ତୋର ଗେହ୍ଲା ଭଉଣୀ
ହୋଇବି କେତେ ଖୁସି ।
ବାନ୍ଧିବି ରାକ୍ଷୀ ରହିବୁ ସାକ୍ଷୀ
ସୁଖଦୁଃଖରେ ମୋର
ପାଶେ ମୋ ଥିବୁ ଛାଇଟି ପରି
କରିବୁ ନାହିଁ ପର ।
ମୋ ଆଖି ଲୁହ ଦେବୁ ତୁ ପୋଛି
ତୋ ଦୁଇହାତ ତୋଳି
ଖୋଜୁଥିବି ମୁଁ ସେନେହଁ ତୋର
ଜୀବନସାରା ଝୁରି ।

Digitized by srujanika@gmail.com

ରାକ୍ଷୀ ତ ନୁହେଁ ରେଶମୀ ଡୋର
କ୍ଷଣକେ ଯିବ ଛିଡ଼ି
ଭାଇଭଉଣୀ ସ୍ନେହର ରାକ୍ଷୀ
ମନକୁ ଦିଏ ଯୋଡ଼ି ।
ଭାଇ ତୁ ହେବୁ ଜଗତଜିତା
ସବୁରି ମନ କିଣି
ତୋ'ହାତେ ରାକ୍ଷୀ ବାନ୍ଧି ମୁଁ ଆଜି
କହେ ତୋ' ସୁନାଭଉଣୀ ।

✤✤

କଥାଟିଏ କହୁଁ

କଥାଟିଏ କହୁଁ କଥାଟିଏ
ଭକତି ଭାବରେ ଗୁରୁଜନ ପଦେ
ନଇଁଯାଉ ଆମ ମଥାଟିଏ
କଥାଟିଏ କହୁଁ କଥାଟିଏ ।
ପିତା, ମାତା, ଗୁରୁ ଦେବତାଠୁ ବଡ଼
ତାଙ୍କରି ସେବାରେ ଜୀବନ
ଆମର ଧନ୍ୟ ହୁଏ
କଥାଟିଏ କହୁଁ କଥାଟିଏ ।
ପାଠ ତ ଅଟଇ ଅମୂଲମୂଲ
ପାଠ ସରି କହ ଆଉ କିଏ ?
କଥାଟିଏ କହୁଁ କଥାଟିଏ ।

Digitized by srujanika@gmail.com

ସମୟ ସାଥିରେ ଚାଲୁଥିଲେ ସଦା
ସଫଳ ସବୁ କାମ ହୁଏ ।
କଥାଟିଏ କହୁଁ କଥାଟିଏ....

କଥାରେ ନୁହଁ କାମ କରିଯାଅ
କର୍ମଫଳ ସିନା ଭୋଗ ହୁଏ ।
କଥାଟିଏ କହୁଁ କଥାଟିଏ....

ପର ଉପକାରେ ଲାଗେ ଯା'ଜୀବନ
ସରଗ ସୁଖ ସେ ପାଇଥାଏ ।
କଥାଟିଏ କହୁଁ କଥାଟିଏ.....

ମିଠା ହସଟିକେ ଓଠରେ ଖେଳାଅ
ହସ, ସବୁରି ପରାଣ ମୋହିନିଏ ।
କଥାଟିଏ କହୁଁ କଥାଟିଏ......

ନୀତି, ଆଦରଶେ ଗଢ଼ା ଯା'ଜୀବନ
କାଳ କାଳ ଯଶ ରଖିଥାଏ ।
କଥାଟିଏ କହୁଁ କଥାଟିଏ.....

ଗୁଣ ଦେଖ

ଶୁଣିପାରେନା କଥାଟି ସିନା...ବୁଝି ପାରଇ ସବୁ
କହିପାରେନା କଥାଟି ସିନା...କରି ପାରଇ ସବୁ ।
ଚିତ୍ର ଆଙ୍କେ, ଗପ ମୁଁ ଲେଖେ...ବହି ତ ପଢ଼ି ଜାଣେ
ନିଜକୁ କେବେ ଭାବେନା ଭିନ୍ନ...(ମୁଁ) ତୁମ ଭିତରୁ ଜଣେ ।

Digitized by srujanika@gmail.com

ଦେଖି ପାରେନା ଦୁନିଆଁ ରଙ୍ଗ...କେଡ଼େ ସୁନ୍ଦର ଧରା
ମନ-ଆଇନା ଦିଏ ତ କହି...ଦୁନିଆଁ ପ୍ରେମ ରଙ୍ଗରେ ଭରା ।
ଏଇଠି ଅଛି ସ୍ୱର୍ଗ ପୁଣି...ଏଇଠି ଅଛି ଶାନ୍ତି
ମନକୁ କଲେ ସୁନ୍ଦର ସିନା...ଦୁଃଖ ଯିବରେ ଘୁଞ୍ଚି ।
ଶାନ୍ତି, ପ୍ରେମ, ଦୟା, କ୍ଷମାରେ...ଭରା ମୋ ଟିକି ମନ
ନିଜକୁ ହୀନ ମଣିବି କିଆଁ...ଝୁରିବ ରାତିଦିନ ।
ପାଠ ପଢ଼ିବି ଆଗେ ବଢ଼ିବି...ପରିଚୟ ମୋ ଦେଇ
ଟେକ ରଖିବି ଦେଶ, ଜାତିର...ସୁସନ୍ତାନ ହୋଇ ।
ଭିନ୍ନକ୍ଷମ ନୁହେଁ ମୁଁ ନୁହେଁ...ମୁଁ ତ ତୁମ ଭଳି
ଜୀବନ ମୋର ସୁବାସେ ଭରା...ମୁଁ ଏକ ଟିକି କଳି ।
ମୋ'ନିଜ ଗୁଣେ ହସିବି ନିଜେ...ହସାଇବି ଦୁନିଆଁ
ଗୁଣର ସିନା ଆଦର ଥାଏ...ରୂପ ତ ଦି'ଦିନିଆଁ ।

ଆଶ୍ରୟ)

ନୂଆ ବରଷ

ନୂଆ ବରଷ ହେ ନୂଆ ବରଷ
ଦୁନିଆଁରେ ସୁଖ, ଶାନ୍ତି ବରଷ
ଘୁଞ୍ଚିଯାଇ ଦେଶୁ ଅଶାନ୍ତି ବତାସ
ସବୁ ଓଠୁ ଝରୁ ମଧୁର ହସ ।

ନୂଆ ବରଷ ହେ ନୂଆ ବରଷ
ସବୁରି ମନରେ ଅମୃତ ପରଶ
ଦୂରେଇ ଯାଉ ଛଳନା-ବିଷ
ଜୀବନରେ ଭରୁ ସୁଖର-ରସ ।

Digitized by srujanika@gmail.com

ନୂଆ ବରଷ ହେ ନୂଆବରଷ
ଘେନିଯାଅ ମୋର ଏଇ ସନ୍ଦେଶ
ଯେତେ ଶିଶୁ ଛନ୍ତି ଏ ସାରା ବିଶ୍ୱ
ଏକତା ମନ୍ତ୍ରେ ହୁଅନ୍ତୁ ବଶ
କଅଁଳ ଓଠରେ ମଧୁର ହସରେ
ଭରିଦିଅ ପ୍ରୀତିଭରା ପୀୟୂଷ ।

✤✤

ଖଟାମିଠା

ବୋଉ ଗାଳି ଦାଣ୍ଡ ଧୂଳି...ଲାଗେନାହିଁ ଡର
ବାପା ଗାଳି ଦୁଃଖ ଦିଏ...ଝରେ ଲୁହଧାର ।
ବୋଉ ଯେବେ ରାଗିଯାଏ
କେବେ ମୋ' ଉପରେ
ରାଗରୋଷ ଭୁଲିଯାଏ
ମୋ'କଅଁଳ ଡାକରେ
ନିମିଷକେ ସବୁ ଭୁଲେ
ମୁହଁ ଲୁଚାଇଲେ ତା'ପଣତ କାନିରେ ।
ବାପା ରାଗିଥିଲେ ମୁଁ ଯେ ଲୁଚି ଲୁଚି ବୁଲେ
କଥା ପଦେ ବାହାରେନା (ଯେତେ) ମନ ଟାଣ କଲେ ।
ବୋଉ ଗାଳି ଭାରି ମିଠା
ବାପା ଗାଳି ଖଟା
ତାଙ୍କ ସ୍ନେହ ଆକଟରେ
ମିଠା ହୁଏ ଜୀବନଟା ।

✤✤

Digitized by srujanika@gmail.com

ମହତ

ଦେବାରେ ଯେ ସୁଖ...ନେବାରେ ତ ନାହିଁ
ଦେବା ଲୋକ ସିନା ମହତ
ପର ଉପକାରେ ଏ ଜୀବନ ଦେଲେ
ମିଳଇ ମହାପୁଣ୍ୟ ତ ।
ହସ ଟିକେ ଯଦି...ଆନ ଦୁଃଖ ହରେ
ହସି ହସି କଥା କହୁଥିବା
ଆସୁ ଯେତେ ବାଧା ଡରିଯିବା ନାହିଁ
ନୀତି ଆଦରଣେ ଚଳୁଥିବା ।
ସୂର୍ଯ୍ୟ ସମ ହେବା...ଶକ୍ତିମାନ ଆମେ
ଜଳ ପରି ହେବା ନିରିମଳ
ଆକାଶ ପରିକା...ହୋଇବା ମହାନ
ଧରା ପରି ହୋଇବା ଉଦାର ।
ରତ୍ନାକର ପରି...ଆନନ୍ଦେ ନାଚିବା
ବୃକ୍ଷ ପରି ହେବା ଉପକାରୀ
ପବନ ପରିକା ସର୍ବବ୍ୟାପୀ ହେବା
ଛନ୍ଦ କପଟ ପରିହରି

(ବିକାଶ ବାର୍ଷା)

Digitized by srujanika@gmail.com

ଆମେ ସବୁ ଟିକିଫୁଲ

ଆମେ ସବୁ ଟିକିଫୁଲ...ଏ ଦୁନିଆଁ ବଗିଚାରେ
ରଂଗ, ରସ, ବାସଭରା...ଆମ କଅଁଳ ମନରେ ।
ଆମ ହସେ...ଖିଲି ଖିଲି ହସିଉଠେ ଏ ଧରା
ଆମ ଲୁହେ...ଝୁରି ଝୁରି ହୁଏ କେତେ ଅଧୀରା ।
ଆମ ଗୁଣ ସୁବାସରେ ଭରି ଯିବଟି ସାରା ଜଗତ
ଆମରି ରଙ୍ଗ ରୂପରେ...ହସିବରେ ଭାଇ ମରତ ।
ପୋଛିଦେବା ଆଖି ଲୁହ...କାନ୍ଦେ ଯିଏ ଦୁଃଖରେ
ମିଠା ମିଠା ହସ ଭରି ଦେଇ ତାର ଓଠରେ ।
ଆମ ହାତେ...ଗଢ଼ିଦେବା ନୂଆ ଏକ ରାଇଜ
ରଖିବାନି ଭେଦଭାବ...କରିବାରେ ମଉଜ ।
ପୃଥିବୀଠୁ ଆକାଶ....ସବୁ ଆମ ନିଜର
ନୁହେଁ କେ ପର...କିଏ ଆପଣାର ।
ଏକ ମନ, ଏକ ପ୍ରାଣ...ହୋଇ ଆମେ ଚଳିବୁ
ଆସିଲେ ବିପଦ ଆମେ ଏକ ହୋଇ ଟାଳିବୁ ।
ହସୁଥିବ ମାଟିମାଆ...ହସୁଥିବୁ ଆମେରେ
କଥା ନୁହେଁ ସବୁ ଆମେ ଦେଖାଇବୁ କାମରେ ।

Digitized by srujanika@gmail.com

ମନରେ ହେଜ

ଗୁରୁ, ଗୁରୁଜନ ଦେବତା ସମାନ
ତାଙ୍କ ପଦେ ମଥା ନଇଁଯାଉ
ପିତାମାତା ସବୁ ଦେବତାଠୁ ବଡ଼
ତାଙ୍କ ସେବାରେ ଜୀବନ ଧନ୍ୟ ହେଉ ।
ଦୁନିଆଁରେ ସବୁ ସଂପଦଠୁ ବଡ଼
ବିଦ୍ୟା ଅଟଇ ମହାଧନ
ସଂପଦ ଲୋଭରେ ବିବେକ ହରାଇ
ହେବା କିମ୍ପା ହତଜ୍ଞାନ ।
ବିଦ୍ୟା ଅରଜିବା ପୂଜାଟି ପାଇବା
ଏ ସାରା ଜଗତରେ
ସମୟ ସାଥିରେ ଚାଲୁଥିବା ନିତି
ସଫଳ ହୋଇବା ଜୀବନରେ ।
କଥା କହି ବୃଥା ବଡ଼େଇ ଦେଖେଇ
କାହିଁକି ହୋଇବା ଅମଣିଷ
କର୍ମ କରିଯିବା ସତ୍ୟ, ଧର୍ମେ ଚଳି
ବୋଲାଇବା ସିନା ସୁମଣିଷ ।
ଜୀବନଟା ସାରା ପାଣିର ଫୋଟକା
ଏଇ ଅଛି ଏଇ ନାହିଁ
ଭଲ କାମ କରି ସବୁରି ମନରେ
ରହିବା ଅମର ହୋଇ ।

Digitized by srujanika@gmail.com

ବାପା

ବାପା ଜନ୍ମଦାତା, ଭାଗ୍ୟବିଧାତା... ଗଢ଼ନ୍ତି ଆମ ଜୀବନ
ସ୍ନେହ, ଶ୍ରଦ୍ଧା ମନେରଖି କରିଥାନ୍ତି... ଆମକୁ କେତେ ଶାସନ ।
ଆମ ଜୀବନରେ ସୁଖ ଭରିବାକୁ ... ନୀତି ନିୟମର ପଥେ
ଚାଲିବାକୁ ସଦା ଦିଅନ୍ତି ସେ ଶିକ୍ଷା... ଆମ ଭିବଷ୍ୟତ ହିତେ ।
ଆମ ପାଠପଢ଼ା, ବେଶ, ପୋଷାକ... ଖାଦ୍ୟ, ପାନୀୟ ରୁଚି
ସବୁଥିରେ ବାପା ନଜର ରଖନ୍ତି... ଭଲ, ମନ୍ଦ ଥା'ନ୍ତି ବାଛି ।
ବାପାଙ୍କ ଗାଳିକୁ ଲାଗେ ସିନା ଡର... ସେ ତ ଶାନ୍ତିର ଚନ୍ଦନ
ଯିଏ ସେ ବୁଝଇ ମରମ ତାହାର... ପାଏ କେତେ ସନମାନ ।
ପାଖରେ ବସାଇ କହନ୍ତି ସେ ଗପ... ହିତ ଉପଦେଶ ବାଣୀ
"ବଡ଼ ହୋଇ ଭଲ ମଣିଷଟେ ହୁଅ... ମୋ'ବଂଶର ମଉଡ଼ମଣି ।"
ଜୀବନର ଦୁଃଖ ଘୁଞ୍ଚିଯିବ ସବୁ... ତାଙ୍କରି ଆଶିଷ ପାଇ
ଧନ, ଦଉଲତ, ଗର୍ବ, ଅଭିମାନ... ନୁହେଁ କେବେ ଚିରସ୍ଥାୟୀ ।
ମାଆର ମମତା ବାପାଙ୍କ ଶାସନ... ଆମ ପାଇଁ ଆଶୀର୍ବାଦ
ସବୁ ଦେବତାଠୁ ବଡ଼ ପିତାମାତା... ଆନନ୍ଦେ ତାହାଙ୍କୁ ସେବ ।

Digitized by srujanika@gmail.com

ଉଚ୍ଚ ପରବତ

ଉଚ୍ଚ ପରବତ କୁଞ୍ଚିକୁଞ୍ଚିକା ଲୋ
ବସିଚି ଡାମରାକାଉ
କା' କା' ଡାକେ ନିଦକୁ ଭାଙ୍ଗଇ
ରାତି ଟିକେ ପାହୁ ପାହୁ ।
କଳା ରଙ୍ଗ ସିନା କୋଇଲିନାନୀର
କଣ୍ଠେ ତାର ମଧୁଭରା
କୁହୁ କୁହୁ ଗୀତେ ମନ ମୋହିନିଏ
ଫଗୁଣ ଆସିଲେ ପରା ।
ହଳଦୀ ବସନ୍ତ ଗଛ ଗହଳରେ
ଡାକିଦିଏ ଯେବେ ଥରେ
ତା'ରୂପ ରଙ୍ଗରେ ଲାଖି ରହେ ଆଖି
ମନରେ ଆନନ୍ଦ ଭରେ ।
ହୁମ୍ ହୁମ୍ ଡାକେ ଲୋଟଣି ପାରାଟି
ଡାକିଦେଇ ଯାଏ ଉଡ଼ି
କାଠିକୁଟା ଆଣି ଘର ତା'ଗଢ଼ଇ
ସୁଖରେ ରହିବ ବୋଲି ।
ବାଇଚଢ଼େଇର କିବା ଯାଏଆସେ
ତାଳ ବାହୁଙ୍ଗାରେ ଘର
ସୁଖେ ଦୋଳୁଥାଏ ବସାରେ ରହି
ଆସୁ ବରଷା କି ଝଡ଼ ।

Digitized by srujanika@gmail.com

ଟିକି ଜୀବଟିଏ ହୋଇଲେ ବି ପକ୍ଷୀ
ବୁଦ୍ଧି ତାଙ୍କର ସରସ
ନିଜ କାମ ନିଜେ କରି ସୁଖେ ଥା'ନ୍ତି
ସାଧନ୍ତି ହିତ ଅଶେଷ ।

✤✤

ବିଦ୍ୟାଧନ

ବିଦ୍ୟା ପରି ଧନ ଜଗତରେ ନାହିଁ
ବିଦ୍ୟାବନ୍ ପୂଜା ସବୁଠାରେ ପାଇ ।
ବିଦ୍ୟା ଭରିଦିଏ ଗୁଣ ଅପାର
ବିନ୍ଦୁ ବିନ୍ଦୁ ଜଳେ ସୃଷ୍ଟି ସାଗର ।
ପଙ୍କରୁ ପଦ୍ମର ହୁଅଇ ଜାତ
ଶାମୁକା ଗରଭେ ମୋତି ପରି ତ !
ମଣିଷ ପାଇଁକି ବିଦ୍ୟା ଅମୂଲ
ମଣି, ମାଣିକ ନୁହେଁ ତା' ତୁଲ ।
ବିଦ୍ୟା, ଜ୍ଞାନ, ବୁଦ୍ଧି ମନେ ଭରଇ
ଅଜ୍ଞାନ, ଅନ୍ଧାର ଦିଏ ଦୂରେଇ ।
ଜ୍ଞାନମୁଣି କରେ ଜଗତଜିତା
ବିଦ୍ୟାହୀନ ହେଲେ ଜୀବନ ପିତା ।
ବିଦ୍ୟା ରତ୍ନକୁ ରଖିଲେ ସାଇତି
ନ ରହିବ ଆଉ କାହାକୁ ଭୀତି ।

Digitized by srujanika@gmail.com

ଧନ, ରତ୍ନ ଚୋର ନେବ ଚୋରେଇ
ବିଦ୍ୟାକୁ କେ ନେବ କହ ଛଡ଼େଇ ।
ବିଦ୍ୟା ପରି ବନ୍ଧୁ ଆଉ କେ ନାହିଁ
ପାଶେ ପାଶେ ଥିବ ନିଜର ହୋଇ ।

✣✣

ମନରେ ଥାଅ ରଖି

କାଉର ରୂପଟି ସିନା କାଳିଆ
ନୁହେଁ ରେ ନୁହେଁ ସେ ଅଳସୁଆ ।
ରାତି ନ ପାହୁଣୁ ଉଠଇ ସିଏ
କା' କା' ରାବେ ଜଣାଇଦିଏ
ପାହି ତ ଗଲାଣି ରାତି
ଉଠ ଉଠ ମଠ ନ କରି ଆଉ
କାମରେ ଯାଅ ମାତି ।
ପିମ୍ପୁଡ଼ିଟି ସିନା ଛୋଟିଆ ଜୀବ
କାମରେ ଅଟଇ ସବୁଠୁ ଆଗ ।

ବରଷା ଋତୁ ଆସିବା ଆଗୁ
ଖାଦ୍ୟ ସାଇତି ରଖଇ ସବୁ
ଧାଡ଼ି ବାନ୍ଧି ଚାଲୁଥାନ୍ତି
ଶୃଙ୍ଖଳା ଜ୍ଞାନ ତା'ଠାରୁ ଶିଖରେ
ଲଭିବ ଜୀବନେ ଶାନ୍ତି ।

Digitized by srujanika@gmail.com

ବଳଶାଳୀ ହୋଇ ପଶୁରାଜ ସିଂହ
ଯେବେ ଶୋଇ ରହି ଦେଖାଏ ଗରବ ।
କିଏ ବା ଖାଦ୍ୟ ଦିଏ
କରମ ନିକଟେ ହାରିଯାଏ ବଳ
ଯେତେ ବଡ଼ ହେଉ ଯିଏ ।
ଛୋଟ ବୋଲି ଯେବେ କରିବା ଭୟ
ଛୋଟ ରହିଯିବା ବିତିଯିବ ସମୟ
ଛୋଟରୁ ବଡ଼ର ସୃଷ୍ଟି
କର୍ତ୍ତବ୍ୟ ପଥରେ ଆଗେଇ ଚାଲିଲେ
ସୁଖ ମିଳିବ ସବୁଠି ।

ଗୁଣର ଆଦର କର

ରଂଗ, ରୂପ ଭରା ପଳାଶ ଫୁଲଟି
ମନକୁ ପାରେ କି କିଣି
ଛୋଟ ହେଉ ପଛେ ବଣମଲ୍ଲୀଟିଏ
ମନକୁ ନିଅଇ ଜିଣି ।

କୁହୁଳିଲେ ଧୂଆଁ ବରଷ ବରଷ
ଅନ୍ଧାର ପାରେ କି ନାଶି
ଛୋଟ ଦୀପଟିଏ ଅଳପ ଆଲୁଏ
ଅନ୍ଧାର ଦିଅଇ ନାଶି ।

Digitized by srujanika@gmail.com

ଗୁଣୀର ଆଦର ସବୁଠାରେ ସିନା
ଜ୍ଞାନୀ ବୁଝେ ତାର ମୂଳ
ବିଦ୍ୱାନ ହୋଇ ଅଳ୍ପାୟୁ ହେଲେ ବି
ଜଗତେ ହୁଏ ଅମର ।

ଆଜି ତୁମେ କଳି କାଲିକି ଫୁଟିବ
ବାସନା ଯିବ ମହକି
ଲଭିବ ଆଦର ଆଦରଣ ବଳେ
ଦୁନିଆଁ ଯିବ ଚମକି ।

ମିଠାଗୀତ

କୁତୁକୁତୁ କୁତୁ କୁତୁରୁ କୁତୁ
କୁତୁରୁ କୁତୁରୁ କାଳିଆ
ଧାନ ଜଗିଥିଲା ବଳିଆ
ହାତେ ଧରିଥିଲା ଠେଙ୍ଗା
ଚେହେରାଟି ତା'ର ଗୋରା ତକତକ
ଖରାରେ ପଡ଼ିଲା ରଙ୍ଗା ।
ମୁଣ୍ଡରେ ପକାଇ ନାଲିଗାମୁଛା
ପାଣି ପିଇଗଲା ସେ ମନଇଚ୍ଛା ।

Digitized by srujanika@gmail.com

ଗଛ ଛାଇରେ ସେ ଶୋଇଲା ଯାଇ
କୁଆଡୁ ଆସିଲେ ପାରାଏ ଧାଇଁ ।
ଟୁକୁଟୁକୁ କରି ଖାଇଲେ ଧାନ
ଖୁସିରେ ଉଛୁଳେ ପାରାଙ୍କ ମନ ।
ବଳିଆ ନିଦରୁ ଉଠିଲା ଚେଇଁ
ଅଣ୍ଡାଳିଲା ତା'ର ଠେଙ୍ଗାଟା କାହିଁ ?
ଝପଝପ କରି ଧାଇଁଲା ବେଗେ
ପାରାଏ ଉଡ଼ିଲେ ଦି'ଗୁଣା ତେଜେ ।
ଭକୁଆ ପାଲଟି ବଳିଆ ଭାଇ
ଆକାଶକୁ ଦେଖୁଥିଲା ଅନେଇଁ ।
ଫୁରର୍ ଫୁରର୍ ଫୁର୍ ଫାର୍
ପାରାଏ ହୋଇଲେ ନିମିଷେ ପାର ।
ବଳିଆର ବୁଦ୍ଧି ଗଲାଟି ହଜି
(ଆଉ) ଧାନ ଜଗିବାକୁ ନ ହୁଏ ରାଜି ।

Digitized by srujanika@gmail.com

ପରିବେଶ ରଖ ସ୍ୱଚ୍ଛ

ଲଗାଇ ଗଛ ରଖିବା ସ୍ୱଚ୍ଛ
ବାୟୁମଣ୍ଡଳ ଓ ଧରା
ବୁଦ୍ଧିଆ ଆମେ ମଣିଷ ଜାତି
ଆମ ସରି କିଏ ଭଲା ।
ଜାତିଜାତିକା ଗଛଲତାରେ
ଉଠିବ ହସି ରାଇଜ
ଗରମ, ତାତିକୁ ନ ଥିବରେ ଭୟ
କରିବା ଆମେ ମଉଜ ।
କେତେ ଉପକାରୀ ଜୀବଜନ୍ତୁଏ
ରହିବେ ମନ ଖୁସିରେ
ହସଖୁସିର ନଈ ବହିବ
ଏ ମାଟି ମାଆ କୋଳରେ ।
ଅସାଧ ରୋଗ ଯିବ ଦୂରେଇ
ଭୋଗିବେନି କେହି କଷ୍ଟ
ବରଷା ହେବ ଦୂରେଇ ଯିବ
ଜଳର ଯେତେ ଅଭାବ ।
ମୃତ୍ତିକା କ୍ଷୟ ହୋଇବ ନାହିଁ
ଗଛଲତା ଥିଲେ ରହି
ପରିବେଶକୁ ସୁନ୍ଦର ରଖି
ଶାନ୍ତିରେ ପାରିବା ଜୀଇ ।

Digitized by srujanika@gmail.com

ଇଟିକିଲି ମିଟିକିଲି

ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
କୁହ ପିଲେ ମନମାରି ତୁମେ କିଆଁ ବସିଚ ।
ନଈ, ପାହାଡ଼, ବନ, ଝରଣା
ଫୁଲ ଫଳେ ଭରା ଗଛ
ସାଇତି ରଖିଛି ପ୍ରକୃତିରାଣୀ
ତୁମ ପାଇଁ କେତେ ସୁଖ ।
କାମରେ ତାକୁ ଲଗାଇ ତୁମେ
ପାଇବ କେତେ ମଜା
ତୁମରି ହାତେ ରାଇଜ ଆମ
ନୂଆବେଶେ ହେବ ସଜା ।
ପ୍ରକୃତି ଦାନ ଅଟେ ଅମୂଲ
ହଜିଗଲେ ମିଳେନାହିଁ
ସାଇତି ତାକୁ ରଖ ଯତନେ
ଭବିଷ୍ୟ ଗଢ଼ିବା ପାଇଁ ।
କାଲିକୁ ତୁମେ ହୋଇବ ବଡ଼
ଗଢ଼ିବ ନୂଆ ରାଇଜ
ତୁମରି ହାତେ ହୋଇଛି ଲେଖା
ଦେଶ, ଜାତିର ଭାଗ୍ୟ ।

Digitized by srujanika@gmail.com

ଚିଡ଼ିରି ମିଡ଼ିରି ଭିଡ଼ିରି କଥା

କିଚିରି ମିଚିରି, କୁଟୁରୁ କୁଟୁରୁ, ଟିପିରିଟିପି ଇତ୍ୟାଦି ଶବ୍ଦକୁ ଶିଶୁମାନେ ଖୁବ୍ ଭଲପାଆନ୍ତି । ସେଇଥିପାଇଁ ଏଇ ଶିଶୁ କବିତା ପୁସ୍ତକଟିର ନାମକରଣ ଏଭଳି କରିଛନ୍ତି ଲେଖିକା । ଏହି ନାମକରଣ ଅନୁସାରେ କବିତାଗୁଡ଼ିକ ମଧ୍ୟ ମିଶାମିଶି, ଫେଣ୍ଟାଫେଣ୍ଟି ହୋଇ ବିଭିନ୍ନ ପ୍ରକାରର ବିଷୟବସ୍ତୁକୁ ନେଇ ରଚିତ ହୋଇଛି, ଯାହାକୁ ଶିଶୁ ଓ କିଶୋରମାନେ ଉପଭୋଗ କରିପାରିବେ ।

ପୁଷିମାଉସୀ, ଆ' ଜହ୍ନମାମୁ, ହାତୀ ନେ, ଘୋଡ଼ା ନେ ଇତ୍ୟାଦି କବିତା ଶିଶୁଙ୍କ ପାଇଁ ଖୁବ୍ ମଜାଳିଆ ହୋଇଛି । ସେମିତି ଶିକ୍ଷଣୀୟ କବିତାସବୁ– ସୂର୍ଯ୍ୟ, ବିଦ୍ୟାଧନ, ମହତ, ଗୁଣ ଦେଖ ଇତ୍ୟାଦି କବିତା ପିଲାମାନଙ୍କ ପାଇଁ ନୀତିବାଣୀ ସଦୃଶ ।

ଶିକ୍ଷୟିତ୍ରୀଟିଏ ସେ । ପିଲାଙ୍କ ମନ ପଢ଼ିପାରନ୍ତି । ତାଙ୍କର ଶାନ୍ତ, ସରଳ, ନମ୍ର ସ୍ୱଭାବରୂପକ ହୃଦୟ ଝରଣାରୁ ଝରି ଆସିଛି ଚାଳିଶଟି ଧାରାରୂପକ କବିତା, ଯାହାର ସୁମଧୁର ସ୍ୱର ଝଙ୍କୃତ ହେବ ଶିଶୁ-କିଶୋରମାନଙ୍କ ଟିକି ମସ୍ତିଷ୍କର ଚୌହଦି ମଧ୍ୟରେ ।

ତାହା ହିଁ ହେଉ । ତାଙ୍କର ପବିତ୍ର ଚିନ୍ତାଧାରା ଏଭଳି ବିସ୍ତାରିତ ହେଉ ଅଗଣିତ ଶିଶୁ-କିଶୋରମାନଙ୍କର ସୁମଧୁର ଭବିଷ୍ୟତ ପାଇଁ– ଏତିକି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ଅନସୂୟା ନନ୍ଦ
ସଂପାଦିକା 'ସଂସାର'

Digitized by srujanika@gmail.com

ନାମ - ଶ୍ରୀମତୀ ପ୍ରମିଳା ପତି

ଜନ୍ମ - ୧୯୫୬ ମସିହା

ଜନ୍ମସ୍ଥାନ - ବାଲିଆ, ଭାଗବତପୁର, କେନ୍ଦ୍ରାପଡ଼ା

ପିତା - ସ୍ୱର୍ଗତ ସଚ୍ଚିଦାନନ୍ଦ ପତି

ମାତା - ଶ୍ରୀମତୀ ବିଦ୍ୟୁତ୍‌ଲତା ପତି

ସ୍ୱାମୀ - ଶ୍ରୀଯୁକ୍ତ ରବି ମିଶ୍ର

ଶ୍ରୀମତୀ ପ୍ରମିଳା ପତି ଜଣେ ସୁଗୃହିଣୀ ଓ ମମତାମୟୀ ଜନନୀ, ଆଦର୍ଶ ସ୍ନେହବତ୍ସଳା ଶିକ୍ଷୟିତ୍ରୀ । ସର୍ବୋପରି ସେ ଜଣେ ମିଷ୍ଟଭାଷିଣୀ, ବନ୍ଧୁପ୍ରେମୀ, ନୀତିନିଷ୍ଠ, ପରୋପକାରୀ ଓ ପଶୁପକ୍ଷୀପ୍ରେମୀ ମହିଳା ଭାବେ ସମସ୍ତଙ୍କ ନିକଟରେ ପରିଚିତା । ସେ ଏକାଧାରରେ କବି, ଗାଳ୍ପିକା, ଗୀତିକାର ଓ ନାଟ୍ୟକାର ଭାବେ ସୁପରିଚିତା । ତାଙ୍କ ରଚିତ ଗଳ୍ପ, କବିତା, ବ୍ୟଙ୍ଗ ଓ ଗୀତିକବିତା ଓଡ଼ିଶାର ବହୁ ସ୍ୱନାମଧନ୍ୟ ପତ୍ରପତ୍ରିକା ତଥା ରାଜ୍ୟସ୍ତରୀୟ ସଂକଳନମାନଙ୍କରେ ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧା ଲାଭ କରିଛି । ୧୯୮୯ ମସିହାରୁ ସେ ଆକାଶବାଣୀ କଟକ କେନ୍ଦ୍ରର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ଓ ନାଟ୍ୟକାର ।

ନୟାଗଡ଼ର ପ୍ରଜ୍ଞା-ଶିଶୁ-କିଶୋର ସାହିତ୍ୟ ସଂସଦ, ପୁରୀର 'ସୁଲେଖା', ଯାଜପୁରର 'ସାହିତ୍ୟବାର୍ତ୍ତା', କଟକର 'ଉଦୟଭାନୁ ସାହିତ୍ୟ ସଂସଦ', ରାଜ୍ୟ କଳା ଗବେଷଣା ପରିଷଦ, ଭଦ୍ରକ; ଯୁବ ମହୋତ୍ସବ-୨୦୦୩, କଟକ; ଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦ, ଭଦ୍ରକ; ଫକୀରମୋହନ ସ୍ମୃତି ସଂସଦ ଇତ୍ୟାଦି ଅନେକ ଅନୁଷ୍ଠାନରୁ ସେ ସମ୍ମାନିତା ଓ ସମ୍ବର୍ଦ୍ଧିତା ।

ବର୍ତ୍ତମାନ ସେ ଉଦୟଭାନୁ ସାହିତ୍ୟ ସଂସଦ, ଫକୀରମୋହନ ସ୍ମୃତି ସଂସଦ, ଓଡ଼ିଆ ଗୀତିକବିତା ସମାଜ, ଓଡ଼ିଶା ଲେଖିକା ସଂସଦ, ଉତ୍କଳ ସାହିତ୍ୟ ସମାଜ, ଶିଶୁ ସାହିତ୍ୟ ଲେଖକ ସମ୍ମେଳନ ଇତ୍ୟାଦିରେ ସେ ଆଜୀବନ ସଦସ୍ୟା ଭାବେ କାର୍ଯ୍ୟରତା ।

ସୃଷ୍ଟିସମ୍ଭାର - ଅହଲ୍ୟା (କ୍ଷୁଦ୍ରଗଳ୍ପ ସଂକଳନ), ଶତାବ୍ଦୀର ଯନ୍ତ୍ରଣା (କବିତା ସଂକଳନ), ଝରକା ପାଖର ଜହ୍ନ (ଗୀତି-କବିତା ସଂକଳନ), ତୋ' ବିନୁ ଅନ୍ୟ ଗତି ନାହିଁ (ଭକ୍ତି ସଙ୍ଗୀତ) ସଂକଳନ । 'ଚିଟିରିମିଟିରି' ଶିଶୁ-କିଶୋର ଗୀତିକବିତା ସଂକଳନଟି ଲେଖିକାଙ୍କର ପଞ୍ଚମ ଅର୍ଘ୍ୟ ।

ପ୍ରକାଶକ

Digitized by srujanika@gmail.com